ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୫ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 JANUARY 2023

Vol.No. 34 ■ No. 5 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସବୁଠୁ ବଡ ସ୍କାଣ୍ଡାଲର ପର୍ଦ୍ଦାଫାସ : ପୂର୍ବତନ ସେନାଧିକାରୀ କଲେ ବଡ଼ ଦାବି

ନୂଆଦିଲ୍ଲୀ, ୦୪/୦୧ : ପାକିସ୍ତାନର ରାଜନେତାଙ୍କୁ ହନିଟ୍ରାପରେ ଛନ୍ଦି ବ୍ଲାକମେଲ କରୁଥିଲେ ସେନା ଓ ଏଏସଆଇ ଅଧିକାରୀ । ପାକିସ୍ତାନ ସେନା ଏବଂ ଗୁଇନ୍ଦା ଏଜେନ୍ସି ଆଇଏସଆଇ ବିରୋଧରେ ଏହି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପୂର୍ବତନ ସେନା ଅଧିକାରୀ ଆଦିଲ ରଜା । ସେ କହିଛନ୍ତି ପାକିସ୍ତାନର ନାମୀଦାମୀ ଅଭିନେତ୍ରୀ ଓ ମଡେଲଙ୍କୁ ହନିଟ୍ରାପ ପାଇଁ ବ୍ୟବହାର କରାଯାଉଥିଲା । ଆଦିଲ ରଜାଙ୍କ ଏହି ଅଭିଯୋଗ ପାକିସ୍ତାନର ରାଜନୈତିକ ମହଲଠୁ ଆରମ୍ଭ କରି ପାକିସ୍ତାନ ସିନେମା ଜଗତ ଓ ସେନାଅଧିକାରୀଙ୍କୁ ଦୋହଲାଇ ଦେଇଛି । ଆଦିଲ ରଜାଙ୍କ ଅଭିଯୋଗ ପାକିସ୍ତାନର ପୂର୍ବତନ ସେନାମୁଖ୍ୟ କମର ଜାଭେଦ ବାଜୱା ଓ ପୂର୍ବତନ ଆଇଏସଆଇ ମୁଖ୍ୟ ଫୈଜ ହମିଦ ଏହି ହନିଟ୍ରାପର ମାଷ୍ଟର ମାଇଣ୍ଡ । ଅଭିନେତ୍ରୀ ଓ ମୋଡେଲଙ୍କ ସହ ନେତାଙ୍କ ଅନ୍ତରଙ୍ଗ ମୂହୂର୍ତ୍ତର ଭିଡିଓ ସୁଟ କରି ବ୍ଲାକମେଲ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଆଦିଲ ରଜା ଚାରି ଅଭିନେତ୍ରୀଙ୍କ ନାଁର ପ୍ରାରମ୍ଭିକ ଅକ୍ଷର କହିଥିବା ବେଳେ ପାକ ଗଣମାଧ୍ୟମ ସେମାନଙ୍କୁ ମେହୱିଶ ହୟାତ, ମାହିରା ଖାନ, କୁବ୍ରା ଖାନ ଓ ସଜଲ ଅଲ୍ଲୀ ବୋଲି ଦର୍ଶାଇଛନ୍ତି । ଦୁଇ ଅଭିନେତ୍ରୀ ଅଭିଯୋଗକୁ ଖଣ୍ଡନ କରିବା ସହ ଆଦିଲ ରଜା କ୍ଷମା ପ୍ରାର୍ଥନା କରନ୍ତୁ ନହେଲେ ମାନହାନୀ ମୋକଦ୍ଦମା କରିବେ ବୋଲି ଚେତାବନୀ ଦେଇଛନ୍ତି । ହନିଟ୍ରାପର ଅଭିଯୋଗ ଆଣିଥିବା ଆଦିଲ ରାଜା ପାକିସ୍ତାନ ଛାଡି ଏବେ ବ୍ରିଟେନରେ ରହୁଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସେ ଘନିଷ୍ଠ ଓ ଇମ୍ରାନଙ୍କ ଦଳ ଖରାପ ସମୟ ଦେଇ ଗତି କରୁଥିବାରୁ ରାଜନୈତିକ ଉଦ୍ଦେଶ୍ୟ ରଖି ସେ ଏଭଳି ଅଭିଯୋଗ ଆଣିଥିବା ମଧ୍ୟ ଚର୍ଚ୍ଚା ହେଉଛି ।

ଆଜି ରାଉରକେଲା ଯାଇ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତରେ ଯାଇ ସେଠାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଉଦଘାଟନ କରିବେ। ଏହା ବାଦ ମୁଖ୍ୟମନ୍ତ୍ରୀ ରାଉରକେଲା ସହରରେ ମୋ ବସ ସେବା ମଧ୍ୟ ଶୁଭାରମ୍ଭ କରିବେ ନବୀନ ପଟ୍ଟନାୟକ। ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନବନ୍ଦରେ ପହଂଚିବା ପରେ ସେଠାରୁ ହକି ଷ୍ଟାଡିୟମ୍ ଯିବେ। ଷ୍ଟାଡିୟମରେ ରହୁଥିବା ଖେଳାଳିଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ । ଏହା ସହିତ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ।

ଅର୍ଚ୍ଚନା ନାଗ କଳା ଟଙ୍କା ମାମଲାରେ ଇଡିର ଖୋଳତାଡ଼

ଭୁବନେଶ୍ୱର,୦୪/୦୧ (ନି.ପ୍ର): ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚନା ନାଗ ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ ତାର ଖୋଳତାଡ ଜାରୀ ରଖିଛି । ଏହି କ୍ରମରେ ଆଜି ଇଡିର ଟିମ ଅର୍ଚନାକୁ ପଚରା ଉଚୁରା କରିବା ପାଇଁ ଝାରପଡ଼ା ଜେଲରେ ପହଂଚିଥିବା ଜଣା ପଡିଛି । ଇଡ଼ିର ଟିମ ଅର୍ଚ୍ଚନାଙ୍କ ଡିଜିଟାଲ ଏଭିଡେନ୍ସ ରିପୋର୍ଟ ଆଧାରରେ ଜେରା କରିବ ବୋଲି ଜଣା ପଡିଛି । ସେହିପରି ଇଡି ଆସନ୍ତାକାଲି ଅର୍ଚ୍ଚନାଙ୍କ ସହଯୋଗୀ ଖଗେଶ୍ୱରଙ୍କୁ ଜେରା କରିବ ।

ହକି ବିଶ୍ୱକପ ପାଇଁ ଭୁବନେଶ୍ୱରରେ ପହଂଚିଲା ନେଦରଲାଣ୍ଡ ହକି ଟିମ୍

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଓଡିଶାରେ ଅନୁଷ୍ଠିତ ହେବାକୁ ଥିବା ହକି ପୁରୁଷ ବିଶ୍ୱକପକୁ ଆଉ ଖୁବ କମ ଦିନ ରହିଥିବା ବେଳେ ପ୍ରଥମ ବିଦେଶୀ ଟିମ ଭାବେ ନେଦରଲ୍ୟାଣ୍ଡ ଟିମ ବୁଧବାର ଦିନ ଭୁବନେଶ୍ୱର ପହଂଚିଛି । ଟିମର ସଦସ୍ୟ ମାନେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ବିମାନ ବନ୍ଦରରେ ପହଂଚିବା ପରେ କଡ଼ା ସୁରକ୍ଷାରେ ଖେଳାଳିଙ୍କୁ ହୋଟେଲକୁ ନିଆଯାଇଛି । ଆଗାମୀ ୧୪ ତାରିଖରେ ରାଉରକେଲାରେ ମାଲେସିଆ ବିପକ୍ଷରେ ନେଦରଲାଣ୍ଡ ଦଳ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି ।

ଚୀନରେ ଅଣଆୟତ ହେଉଛି କରୋନା : ୭୦ % ଲୋକେ ହେଲେଣି ଆକ୍ରାନ୍ତ

ନୂଆଦିଲ୍ଲୀ,୦୪/୦୧ : ଚୀନରେ କରୋନା ସଂକ୍ରମଣ ଏତେ ଅଣାୟତ ହୋଇପଡିଛି ଯେ, ଏବେ ବିଶ୍ୱ ପାଇଁ ଏହା ଚିନ୍ତାର କାରଣ ପାଲଟିଛି । ଏଠାରେ ସଂକ୍ରମଣ ମାମଲା ଏତେ ମାତ୍ରାରେ ବଢିଚାଲିଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ବେଡ୍ ମିଳୁନାହିଁ, କି ଶଶ୍ମାନରେ ଅନ୍ତିମ ସଂସ୍କାର ପାଇଁ ଜାଗା ଟିକେ ବି ମିଳୁନି । ରାଜଧାନୀ ବେଜିଂ ପରେ ଏବେ ସାଂଘାଇରେ ପରିସ୍ଥିତି ସାଙ୍ଘାତିକ୍ ହୋଇପଡିଛି । ଏଠାରେ ବର୍ତମାନ ସୁଦ୍ଧା ୭୦ ପ୍ରତିଶତ ଲୋକେ କରୋନାରେ ସଂକ୍ରମିତ ହୋଇସାରିଛନ୍ତି । ପୂର୍ବ ଲହର ତୁଳନାରେ ଏବେ କୋଭିଡ ସ୍ଥିତି ୨୦ରୁ ୩୦ ଗୁଣା ବୃଦ୍ଧି ପାଇଛି । ଏପ୍ରିଲ, ମେ ମାସରେ ସାଂଘାଇରେ ଲକ୍ଡାଉନ୍ ସ୍ୱତେ ସଂକ୍ରମଣ ମାମଲା ୬ ଲକ୍ଷ ଉପରେ ଥିଲା । ବର୍ତମାନ ୨୦ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି । ଦେଶରେ ଲାଗୁ ହୋଇଥିବା ଜିରୋ କୋଭିଡ ନୀତି ହଟିବା ପରଠୁ ଡିସେମ୍ବରରୁ ସଂକ୍ରମଣ ହାରରେ ବୃଦ୍ଧି ଘଟିଛି । ଓମିକ୍ରନ ପ୍ରଜାତି ପାଇଁ ସଂକ୍ରମଣ ଅତି ଭୟଙ୍କର ଭାବେ ବଢୁଛି । ସାଂଘାଇ ଓ ବେଜିଂ ବ୍ୟତିତ ଦେଶର ଅନ୍ୟ ପ୍ରମୁଖ ସହର ଟିଆଞ୍ଜିନ୍, ଗୁଆଙ୍ଗଝୋଉରେ ମଧ୍ୟ ସ୍ଥିତି ବିପଦଜନକ ଅବସ୍ଥାରେ ରହିଛି । ଚୀନ ସମେତ ବିଶ୍ୱରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଆମେରିକା, ଜାପାନ ଓ ବ୍ରିଟେନରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବ୍ରିଟେନରେ ଏବେ କରୋନାର ପଂଚମ ଲହର ଆସିସାରିଛି । ଗତ କିଛି ସପ୍ତାହ ହେଲା ଦେଶରେ ▶▶ପୃଷ୍ଠା ୭

ମାରଣାସ୍ତ୍ର ଧରି ମହିଳା ଏଏସଆଇଙ୍କୁ ଗୋଡ଼ାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,୦୪/୦୧ (ନି.ପ୍ର): ରାଜଧାନୀରେ ପୁଲିସର ପାରିବା ପାଣିଆ ଉପରେ ଉଠିଛି ପ୍ରଶ୍ନ । ଭୁବନେଶ୍ୱର ବିଶ୍ୱକପ ହକି ପାଇଁ ଚଳଚଞ୍ଚଳ ହୋଇଥିବାବେଳେ ଅସାମାଜିକ ଲୋକଙ୍କ ଆତଙ୍କ ପୁଲିସର ନିଦ ହଜାଇଦେଇଛି । ସାଧାରଣ ଲୋକଙ୍କ କଥା ଛାଡନ୍ତୁ ଦୁର୍ବୃତ ପୁଲିସକୁ ବି ଛାଡୁନାହାନ୍ତି । ରାତି ଅଧରେ ମହିଳା ପୁଲିସ ଅଧିକାରୀଙ୍କୁ ଖଣ୍ଡା ଦେଖାଇ ଧମକ ଦେଇଛନ୍ତି । ଭୁବନେଶ୍ୱରରେ ରାତିଅଧିଆ ଘରକୁ ଫେରିବା କେତେ ବିପଦଜନକ , ତାହା ସୋମବାର ରାତିର ଏକ ଛାତିଥରା ଘଟଣାରୁ ସ୍ପଷ୍ଟ ହୋଇଛି । ଦୁର୍ବୃତମାନେ ପୁଲିସ ସବଇନସ୍ପେକ୍ଟର ଶୁଭଶ୍ରୀ ନାୟକଙ୍କୁ ରାତି ଅଧରେ ଗୋଡାଇ ଧମକ ଚମକ ଦେଇଛନ୍ତି । କାରରେ ପିଛା କରିବା ସହ ଖଣ୍ଡା ଦେଖାଇ ଆକ୍ରମଣ ଉଦ୍ୟମ କରିଛନ୍ତି । ଶୁଭଶ୍ରୀ ନାୟକ ରାତିରେ ଡ୍ୟୁଟି ସାରି ମହିଳା ଥାନାରୁ ନିଜ କ୍ୱାର୍ଟରକୁ ଫେରିବାବେଳେ ଦୁର୍ବୃତ ରାଜଧାନୀର ଛାତି ଉପରେ ୧୫ ମିନିଟର ଆତଙ୍କ ଖେଳାଇଛନ୍ତି । ଏ ନେଇ ଶୁଭଶ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ କଥା ହେଲା, ଶୁଭଶ୍ରୀ ନିଜ କ୍ୱାଟରକୁ ଫେରିବା ବେଳେ ବର୍ଦ୍ଦିରେ ଥିଲେ । ଏହାକୁ ଖାତିର ନ କରି ଅସମାଜିକ ଯୁବକ ଶୁଭଶ୍ରୀଙ୍କୁ ପିଛା କରି ବିଚ ରାସ୍ତାରେ ଆତଙ୍କ ସୃଷ୍ଟି କରିଛନ୍ତି । ଅଭିଯୋଗ ଅନୁସାରେ, ଶୁଭଶ୍ରୀ କାରରେ ଫେରିବାବେଳେ ବିପରୀତ ଦିଗରୁ ଏକ କାର ତାଙ୍କ ଗାଡି ଆଗକୁ ▶▶ପୃଷ୍ଠା ୭

ହସ୍ପିଟାଲରେ ଭର୍ତ୍ତି ହେଲେ ସୋନିଆ ଗାନ୍ଧି

ନୂଆଦିଲ୍ଲୀ,୦୪/୦୧ (ନି.ପ୍ର): ପୁଣିଥରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି କଂଗ୍ରେସର ପୂର୍ବତନ ଅଧକ୍ଷ ସୋନିଆ ଗାନ୍ଧି। ବୁଧବାର ତାଙ୍କୁ ଦିଲ୍ଲୀର ଗଙ୍ଗା ରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ କ'ଣ ପାଇଁ ପ୍ରକୃତରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି, ସେକଥା ଜଣାପଡ଼ିନି। କିନ୍ତୁ ରୁଟିନ ଚେକ ଅପ ପାଇଁ ସେ ହସ୍ପିଟାଲ ଯାଇଥିବା କୁହାଯାଉଛି। ସୋନିଆଙ୍କ ସହ ତାଙ୍କ ଝିଅ ପ୍ରିୟଙ୍କା ଗାନ୍ଧି ଭଦ୍ରା ହସ୍ପିଟାଲରେ ରହିଥିଲେ। ସୂତ୍ର ଅନୁସାରେ, ଶ୍ୱାସକ୍ରିୟା ଜନିତ ସଂକ୍ରମଣରେ ସୋନିଆ ପୀଡ଼ିତ ଅଛନ୍ତି। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଥିଲା। ଏହି ଖବର ମିଳିବା ପରେ ଭାରତ ଯୋଡ଼ୋ ଯାତ୍ରା ଛାଡ଼ି ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଦିଲ୍ଲୀ ଚାଲି ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଭାରତ ଯୋଡ଼ୋ ଯାତ୍ରା ଉତ୍ତର ପ୍ରଦେଶରେ ପ୍ରବେଶ କରିଥିଲା। ହେଲେ ୭ କିମି ଚାଲିବା ପରେ ଉଭୟ ରାହୁଲ ଓ ପ୍ରିୟଙ୍କା ମା'ଙ୍କ ପାଖକୁ ଫେରି ଆସିଥିଲେ। ରାତିରେ ସବୁ କିଛି ଠିକଠାକ ଥିବା ବେଳେ ଆଜି ସୋନିଆଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଏହି ସୂତ୍ରରେ କୁହାଯାଇଛି।

ଆଜି ଆରମ୍ଭ ହେବ ୫-ଜି ସେବା

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଆସନ୍ତାକାଲି ଓଡିଶାରେ ୫ - ଜି ସେବାର ଶୁଭାରମ୍ଭ ହେବ। କେନ୍ଦ୍ର ରେଳ , କମ୍ୟୁନିକେସନ୍ , ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ଠାରେ ୫-ଜି ସେବାର ଉଦଘାଟନ କରିବେ। ଏଥିପାଇଁ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ୟୁନିଭର୍ସିଟି ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଯୋଗ ଦେବେ। ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୨୯ ତାରିଖରେ ଭୁବନେଶ୍ୱର ରେଲୱେ ଷ୍ଟେସନର ନବକଳେବର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାସେ ଭିତରେ ଓଡ଼ିଶାକୁ ୫ଜି ସେବା ମିଳିବ ବୋଲି ଘୋଷଣା କରିଥିଲେ। ଜାନୁଆରୀ ୨୬ ପୂର୍ବରୁ ଓଡ଼ିଶାରେ ୫-ଜି ସେବାର ଆରମ୍ଭ ହେବ ବୋଲି ସେ କହିଥିଲେ। ଉଲ୍ଲେଖନୀୟ ଅକ୍ଟୋବର ୧ ତାରିଖରେ ଦେଶର ୧୩ ସହରରେ ୫-ଜି ସେବା ଆରମ୍ଭ ହୋଇଥିଲେ। ଏଥିରେ ଓଡ଼ିଶାର କୌଣସି ସହର ନଥିଲା।

ବିଭିନ୍ନ ଦେଶରେ ବଢୁଛି କରୋନା ସଂକ୍ରମଣ : ଭାରତରେ ମାର୍ଚ୍ଚ ମାସରେ ଆସିବ କି ଚତୁର୍ଥ ଲହର ?



ନୂଆଦିଲ୍ଲୀ,୦୪/୦୧ : କରୋନାର ଚତୁର୍ଥ ଲହର ନେଇ ଆକଳନ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଭିତରେ ପ୍ରଶ୍ନ ଆସୁଛି- ଆସିବ କି ଚତୁର୍ଥ ଲହର ? ଯଦି ଆସିବ, କେତେ ଭୟାବହ ହେବ ? ଯଦିଓ ଭାରତରେ ୪ର୍ଥ ଲହର ଆସିବା ନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ, ତଥାପି ବିଭିନ୍ନ ଦେଶରେ ବଢୁଥିବା ସଂକ୍ରମଣ ଯୋଗୁଁ ଏହି ଆଶଙ୍କା ବଢୁଛି । ଏସବୁ ଭିତରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ କହିଛନ୍ତି-ମାର୍ଚ୍ଚ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ କରୋନାର ଚତୁର୍ଥ ଲହର ଆସିପାରେ । ଏଭଳି ଆକଳନ ପରେ ପରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ କହିଛନ୍ତି- ସଂକ୍ରମଣ ବଢ଼ିବ ନାହିଁ ବୋଲି କହିହେବ ନାହିଁ । ତେଣୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ । ସଂକ୍ରମଣ ବଢ଼ିବାର ଆଶଙ୍କା ଭିତରେ ଓଡ଼ିଶାରେ ଆୟୋଜିତ ହେଉଛି ବିଶ୍ୱକପ ହକି । ଶହ ଶହ ବିଦେଶୀ ଖେଳାଳି ଓ ପର୍ଯ୍ୟଟକଙ୍କ ଉପସ୍ଥିତି ଓଡ଼ିଶା ପାଇଁ ସମସ୍ୟା ସୃଷ୍ଟି କରିବ ନାହିଁ ତ ? ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି- ବିଦେଶୀ ଖେଳାଳି ଓ ପର୍ଯ୍ୟଟକଙ୍କ ଯୋଗୁଁ ରିସ୍କ ରହିଛି । ତେଣୁ ସତର୍କ ରଖିବା ଜରୁରୀ । କୋଭିଡ ନିୟମ ମାନିଲେ ଏହାକୁ ରୋକାଯାଇପାରିବ ବୋଲି ଡାକ୍ତର କହିଛନ୍ତି । ଚତୁର୍ଥ ଲହର'ର ଆଶଙ୍କା ଭିତରେ ଆଶ୍ୱସ୍ତିର ଖବର ହେଉଛି- ଦେଶରେ କରୋନା ସଂକ୍ରମଣ କମିଛି । ଗତ ୨୪ ଘଂଟାରେ ଭାରତରେ ମାତ୍ର ୧୭୫ଟି ନୂଆ କରୋନା ମାମଲା ସାମ୍ନାକୁ ଆସିଛି । ସକ୍ରିୟ ସଂକ୍ରମଣ ସଂଖ୍ୟା ୨ ହଜାର ୫୭୦କୁ ଖସି ଆସିଛି । କିନ୍ତୁ ଚୀନ, ଆମେରିକା, ଜାପାନ ଓ ଦକ୍ଷିଣ କୋରିଆର ସଂକ୍ରମଣ ସଂଖ୍ୟା ବିଶ୍ୱ ପାଇଁ ଚିନ୍ତା ସୃଷ୍ଟି କରୁଛି ।

ବିଜେବି କଲେଜ ଛାତ୍ରଙ୍କୁ ମାଡ ଘଟଣାରେ ୪ ଛାତ୍ର ଅଟକ

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ବିନାୟକ (ବିଜେବି) କଲେଜରେ ଯୁକ୍ତ ୨ ଛାତ୍ରଙ୍କୁ ମାଡ ମରାଯିବା ଘଟଣାରେ ବରଗଡ଼ ପୁଲିସ ୪ ଜଣ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକଙ୍କ ମଧ୍ୟରେ ୨ ଜଣ ସାବାଳକ ଓ ଅନ୍ୟ ୨ ଜଣ ନାବାଳକ ଥିବା ଜଣାଯାଇଛି। ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିଲା ବୋଲି ପୁଲିସ କହିଛି। ଦ୍ୱିତୀୟ ବର୍ଷର ଛାତ୍ରମାନେ ପ୍ରଥମ ଶ୍ରେଣୀ ଛାତ୍ରକୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଫଳରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର ଗୁରୁତର ହୋଇଥିଲେ। ଛାତ୍ରଛାତ୍ରୀଙ୍କ ପରିବାର ଲୋକେ ଏନେଇ ବଡଗଡ଼ ଥାନାରେ ଅଭିଯୋଗ କରିଥିଲେ। ମାଡ଼ ମାରିବା ବେଳର ଭିଜୁଆଲ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି ମାଡ ଖାଇଥିବା ଛାତ୍ର ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନରେ ପଢୁଥିବା ବେଳେ ପ୍ରତିଦିନ ଏକ ଛାତ୍ରୀଙ୍କ ସହ କଲେଜ ଆସୁଥିଲେ। ଏହାକୁ ନେଇ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳାର ଜଣେ ଛାତ୍ର ବିରୋଧ କରିଥିଲେ। ଉକ୍ତ ଯୁକ୍ତ ୨ ବିଜ୍ଞାନ ଛାତ୍ରକୁ ଡ଼ାକି ଏହି ଛାତ୍ରୀ ଠାରୁ ଦୂରେଇ ରହିବାକୁ ତାଗିଦ୍ କରିଥିଲେ। ଏ ସମ୍ପର୍କରେ ଯୁକ୍ତ ୨ ବିଜ୍ଞାନ ଛାତ୍ର ଜଣକ ତାର ଚିହ୍ନା ଥିବା ଉକ୍ତ କଲେଜ ଯୁକ୍ତ ୩ର ଜଣେ ଛାତ୍ରଙ୍କୁ ଜଣାଇଥିଲେ।

ମାଗଣା ଚାଉଳକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ୍

ଭୁବନେଶ୍ୱର,୦୪/୦୧ (ନି.ପ୍ର): ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ଏକ ବର୍ଷ ପର୍ଯ୍ୟନ୍ତ ମାଗଣାରେ ଚାଉଳ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ନିର୍ବାଚନ ପୂର୍ବରୁ ଏ ପ୍ରକାର ଘୋଷଣା କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ମାଗଣା ଚାଉଳ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, 'କେନ୍ଦ୍ର ସରକାର ଘୋଷଣା କରିବା ପରେ ରାଜ୍ୟରେ ଥିବା ବିଜେଡି ସରକାର ମାଗଣା ଚାଉଳ ଘୋଷଣା କରିଛନ୍ତି। ଏହା କେବଳ ଶ୍ରେୟ ନେବା ପାଇଁ ରାଜନୀତି। କେନ୍ଦ୍ର ସରକାର ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଚାଉଳ ଦେବେ। ହେଲେ ଓଡ଼ିଶାରେ ଯେଉଁ କାର୍ଡ ବ୍ୟବସ୍ଥା ରହିଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି। ଓଡ଼ିଶା ସରକାର ଯେଉଁ ମାଗଣା ଚାଉଳ ଦେବାକୁ ଚାହୁଁଛନ୍ତି। କେନ୍ଦ୍ର ସରକାର ଦେଲା ପରେ ଏହାର ଆବଶ୍ୟକତା ରହିଛି କି ? ଓଡିଶାର ଜନସଂଖ୍ୟା କେତେ ? କେତେ ଜଣ ବିପିଏଲ ଶ୍ରେଣୀରୁ ଉର୍ଦ୍ଧ୍ୱରେ ଅଛନ୍ତି ? କେତେ ଲୋକଙ୍କୁ ଚାଉଳର ଆବଶ୍ୟକତା ରହିଛି। ତାର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ଅଛି କି ? ଯେଉଁ ୯ ଲକ୍ଷ ଲୋକଙ୍କୁ ଚାଉଳ ଦେବେ ବୋଲି ରାଜ୍ୟ ସରକାର କହୁଛନ୍ତି ସେମାନଙ୍କର ତଥ୍ୟ ରାଜ୍ୟରେ ଥିବା ବିଜେଡି ସରକାର ଦେଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଶ୍ରେୟ ନେବା ପାଇଁ ବିଜେଡି ସରକାର ଏଭଳି ଘୋଷଣା କରିଛନ୍ତି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହି

କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ପ୍ରତୀକାତ୍ମକ ଦଣ୍ଡାୟମାନ ଧାରଣା ଆରମ୍ଭ

ଜୟପୁର, ୦୪/୦୧ (ନି.ପ୍ର): କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ପକ୍ଷରୁ ୟୁନିଟ୍ ହେଡ୍ ଙ୍କ ବାସଭବନ ସମ୍ମୁଖରେ ପ୍ରତୀକାତ୍ମକ ଦଣ୍ଡାୟମାନ ଧାରଣା ଆରମ୍ଭ ହୋଇଛି । ଶ୍ରମିକ ମାନେ ସେମାନଙ୍କ ବକେୟା ପାଉଣାରୁ ପ୍ରତି ମାସରେ କିଛି ଅଂଶ ଦେବାପାଇଁ ଦାବି କରି ଗତ ସେପ୍ଟେମ୍ବର - ୨୦ ରେ ଧାରଣା ଆରମ୍ଭ କରିଥିଲେ ଏବଂ ସେଦିନ ୟୁନିଟ୍ ହେଡ୍ କହିଥିଲେ ଯେଉଁ ମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ, ଯେଉଁମାନେ ଗାଁ କୁ ଚାଲିଗଲେ ଘରଭଡ଼ା ଦେଇନପାରି ଏବଂ ଯେଉଁ ଶ୍ରମିକ ମାନେ ମରିଯାଇଛନ୍ତି ସେମାନଙ୍କ ପରିବାରକୁ କିଛି ନା କିଛି ଦିଆଯିବ । କିନ୍ତୁ, କେବଳ ଦଶହରା ସମୟରେ ୯,୦୦୦ ଟଙ୍କା ଦେଲେ ଏବଂ ତାପରେ ଆଉ କିଛି ନାହିଁ । ୨୦୨୦ ମସିହାରୁ ଯେଉଁମାନେ ଅବସର ନେଲେଣି ସେମାନେ ପି ଏଫ୍ କି ପେନସନ ପାଇପାରି ନାହାଁନ୍ତି । ବହୁ ଦାବି ପରେ ବକେୟା ପାଉଣା, ଗ୍ରାଚ୍ୟୁଇଟି କେତେ ପାଇବେ ତାର ହିସାବ ଦେଲେ କିନ୍ତୁ ସର୍ତ ହେଉଛି ୫,୫୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ହେଲେ ବକେୟା ପାଉଣା ଦିଆଯିବ । ଏପଟେ କଂଚାମାଲ, କୋଇଲା, କେମିକାଲ ଅଭାବରୁ ମାସ ମାସ ଧରି କାରଖାନା ବନ୍ଦ ରହୁଛି ।

ପ୍ରକାଶଯୋଗ୍ୟ ଯେ, ୨୦୨୦ ଫେବୃଆରୀ - ୨୬ ତାରିଖରେ ବିଜିପିପିଏଲ୍ ଓ ଏମ୍ଇଆରପିଏଲ୍ ମଧ୍ୟରେ ହରିଆନା ସରକାରଙ୍କ ଷ୍ଟାମ୍ପ ପେପର୍ ରେ ଦ୍ୱିପାକ୍ଷିକ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ ଦସ୍ତଖତ ହୋଇଛି ଏବଂ ତାରି ଆଧାରରେ ନୂଆ କମ୍ପାନୀ ମଦର ଆର୍ଥ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନେଇଛି । ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ବିଜିପିପିଏଲ୍ ମୁଖ୍ୟ ଗୌତମ ଥାପରଙ୍କୁ ଦେଇଛି ବୋଲି ୨୦୨୨ ମାର୍ଚ୍ଚ ମାସରେ ନୂଆ ମ୍ୟାନେଜମେଂଟ ମୁଖିଆ ମାନେ ୟୁନିଅନ ମାନଙ୍କ ମିଟିଂ ରେ କହିଲା ପରେ ସମସ୍ତେ ଜାଣିଲେ ଯେ ଏମାନେ ଯେଉଁ କମ୍ପାନୀ ବାବଦରେ ଟଙ୍କା ନେଇ ପକେଟ୍ ଗରମ କଲେ ସେଠାର ଶ୍ରମିକ ମାନଙ୍କୁ ଟଙ୍କାଟିଏ ବି ଦେଲେନି । ବ୍ୟାଙ୍କ ତାଗିଦ୍ କରିବା ପରେ ନୂଆ କମ୍ପାନୀ ଓଡ଼ିଶା ସରକାରଙ୍କ ପାଖରେ ଏନ୍ ଓ ସି ଦେବା ପାଇଁ ଦରଖାସ୍ତ କଲେ । କମ୍ପାନୀ କିଣା ବିକା ସମ୍ବନ୍ଧୀୟ କାଗଜ ପତ୍ର ଶ୍ରମିକ ମାନଙ୍କୁ କେବେ ଦେଖାଇଲେ ନାହିଁ, ବହୁ ଦାବି ପରେ ଶ୍ରମ ବିଭାଗ ଜରିଆରେ ବିଟିଏ ସମ୍ବନ୍ଧୀତ ବୁଝାମଣା ପତ୍ର ଦେଲେ । ଏନ୍ ଓ ସି ଦେବା ପୂର୍ବରୁ ୟୁନିଅନ ମାନେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଶ୍ରମିକ ମାନଙ୍କ ବକେୟା ପାଉଣା ଏବଂ ଚାକିରୀ ସର୍ତାବଳୀ, ପି ଏଫ୍, ଇ ଏସ୍ ଆଇ କଥା ଲେଖି ଦେଇଥିଲେ । ରାଜ୍ୟ ସରକାର ମଧ୍ୟ ୟୁନିଅନ ମାନଙ୍କ ଦରଖାସ୍ତକୁ ଅଣଦେଖା କଲେ, ଯଦିଓ ଆଗରୁ ୟୁନିଅନ ଓ ମ୍ୟାନେଜମେଂଟ ସହ ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୦୧୭ - ୧୮ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ଇତିମଧ୍ୟରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଅବସରପ୍ରାପ୍ତ ଶ୍ରମିକ ଓ ସଂଗଠନ ମାନେ । ଜିଲ୍ଲାପାଳ ପି ଏଫ୍ କମିଶନରଙ୍କୁ ଡକେଇ ନଭେମ୍ବର - ୧୧,୨୦୨୨ ରେ ମିଟିଂ କରିଛନ୍ତି ଏବଂ ମାର୍ଚ୍ଚ ମାସ ପିଏଫ୍ ପାଉଣା ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୂନର୍ବାର ନଭେମ୍ବର ୧୭ ତାରିଖରେ ଜିଲ୍ଲାପାଳଙ୍କୁ ଭେଟିଥିଲେ । ସେ ନିଜେ କହିଥିଲେ ଯେ, ଯେହେତୁ ଦୁଇଟି ଯାକ ମେସିନ୍ ଚାଲିଲାଣି ପୁରା ଦରମା ଦେବା ଓ ଅନ୍ୟାନ୍ୟ ବିଷୟ ସମାଧାନ ପାଇଁ ମୁଁ ନିଜେ ସବୁ ପକ୍ଷକୁ ଡକେଇବି । ଜିଲ୍ଲାପାଳ ଡିସେମ୍ବର - ୯ ତାରିଖରେ ସବୁ ପକ୍ଷଙ୍କୁ ଚିଠି କରି ମିଟିଂ ଡକେଇ ଥିଲେ । କିନ୍ତୁ, ହଠାତ୍ ୭ ତାରିଖରେ ମିଟିଂ କୁ ସ୍ଥଗିତ ରଖାଗଲା ବୋଲି ଶ୍ରମ ଅଧିକାରୀଙ୍କ ଜରିଆରେ ଚିଠି କଲେ । କୋରାପୁଟ ପରବ ମହୋତ୍ସବ ପାଇଁ ବ୍ୟସ୍ତ ଥିବା ଏବଂ ପରେ ଡକେଇବା ପାଇଁ ଅବଶ୍ୟ କହିଥିଲେ । କିନ୍ତୁ, କାରଣ ଆଜି ବି ଅସ୍ପଷ୍ଟ ଯେ କେଉଁ କାରଣରୁ ମିଟିଂ ବନ୍ଦ ହେଲା ଆଉ କାହିଁକି ଜିଲ୍ଲାପାଳ ପୁନର୍ବାର ମିଟିଂ ଡାକୁ ନାହାଁନ୍ତି ? ମ୍ୟାନେଜମେଂଟ ଅତି ଚତୁରତାର ସହ ସବୁଠି କହୁଛି ଯେ ସେମାନେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଉଛନ୍ତି । ହେଲେ ଆଜିକୁ ତିନି ମାସ ହେଲା ଯେଉଁ ମାନଙ୍କୁ ଡ୍ୟୁଟି ଦେଇଛି ସେମାନଙ୍କୁ ଦରମା ମିଳିନି । ସ୍ଥାୟୀ ଶ୍ରମିକ, ଠିକା ଶ୍ରମିକ, ସେକ୍ୟୁରିଟୀ ଗାର୍ଡ ଏବଂ ଅଫିସର୍ ମାନେ ମଧ୍ୟ ଦରମା ପାଇନାହାନ୍ତି । କିଭଳି ପରିବାର ନେଇ ଚଳିବେ କେହି ବୁଝିବାକୁ ନାହିଁ । ଦାବି କଲେ କୁହାଯାଉଛି ' ବନ୍ଦ କରନା ହେଁ ତୋ କରୋ ' । ଶ୍ରମିକ ମାନେ ମୁହଁରେ ତୁଣ୍ଡି ବାନ୍ଧି ରହିବା ଛଡା ଅନ୍ୟ ଉପାୟ ନାହିଁ । ଏପଟେ ଶ୍ରମିକ ମାନଙ୍କ ଚାକିରି ସର୍ତାବଳୀ କାଟି ଦେଉଛି, ଶ୍ରମ ବିଭାଗ ମିଟିଂ ଡାକି ସମାଧାନ କରିବା ପାଇଁ ମଧ୍ୟ ଉଦ୍ୟମ କରୁନି । ସରକାର ଏ କମ୍ପାନୀ କୁ ଏନ୍ ଓ ସି ଦେଲେ କାରଖାନା ଚାଲିବ ବୋଲି । କାରଖାନା କ'ଣ ଶ୍ରମିକ ମାନଙ୍କ ପେଟକୁ ମାରି ଚାଲିବ କି ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି । ଓଡ଼ିଶାର ଏକ ରୁଗଣ କାରଖାନାକୁ ବିକାକିଣା କରି ଅର୍ଥ ହେରଫେର ହେଇଗଲା ସମସ୍ତଙ୍କ ଆଖି ଆଗରେ, କେହି କିଛି କରି ପାରିଲେ ନାହିଁ ? ଏ ପ୍ରଶ୍ନ ଆଜି ସାଧାରଣରେ ଚର୍ଚ୍ଚା ହେଉଛି । କାଗଜ କଳକୁ ସ୍ୱାଭାବିକ ଭାବେ ଚଳେଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଆଗକୁ ଆନ୍ଦୋଳନ ଜୋରଦାର ହେବ ଏବଂ ଓଡ଼ିଶା ସରକାରଙ୍କ ଅପାରଗତାକୁ ପଦାରେ ପକାଯିବ ବୋଲି ପ୍ରମୋଦ ମହାନ୍ତି ସୂଚନା ଦେଇଛନ୍ତି । ୟୁନିଟ୍ ହେଡ୍ ରହୁଥିବା ଆବାସିକ ଅଂଚଳରେ ଭିଡ଼ ନ କରି ଜଣେ ଦୁଇ ଜଣ ଲେଖାଏଁ ପ୍ରତିଦିନ ଏଭଳି ବିକ୍ଷୋଭ ଧାରଣାରେ ସାମିଲ୍ ହେବେ ।

ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଧର୍ମଶାଳା, ୦୪/୦୧ (ନି.ପ୍ର): ଭାରତୀୟ ସେନାରେ ସେବାରତ ହାବିଲଦାର ଯତିନ କୁମାର ପତି କାର୍ଯ୍ୟରୁ ଅବସର ନେଇଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଯାଜପୁର ବ୍ଲକ ଝାଲପଡା ଂଚାୟତ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପତି ଆଜି ନିଜ ବାସଭବନ ଝାଲପଡା ଗ୍ରାମରେ ଆସି ଂହଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି ଂଚାୟତବାସୀ । ଝାଲପଡା ଛକସ୍ଥିତ ମଣି ମନ୍ଦିର ପ୍ରାଙ୍ଗଣରେ ଏହି ସମ୍ବର୍ଦ୍ଧନା ପର୍ବରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ । ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ଗାଁ ମାଟି ଆଜି ଗର୍ବିତ । ଦେଶ ସେବାରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି ବୋଲି ବରୀ ବିଧାୟିକା ଶ୍ରୀମତି ଦାସ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଝାଲପଡା ସରପଂଚ ଭାରତୀ ମଲିକ, ସମିତିସଭ୍ୟ ନିର୍ମଳ ସାମଲ, ଯୁବ ନେତା ପ୍ରମୋଦ କୁମାର ନାୟକ, ତେଲୋକ୍ୟ ନାୟକ, ପ୍ରମୋଦ ଜେନା, ସୁଶାନ୍ତ ସାହୁ, ପଦ୍ମନାଭ ସାହୁ, କଳ୍ପତରୁ ନାୟକ, ସୁଶାନ୍ତ ପୃଷ୍ଟି, ନିରଞ୍ଜନ ସାହୁ, ପ୍ରଶାନ୍ତ ସାହୁ, ବିଜୟ ଜେନା, ସନ୍ତୋଷ ସାହୁ, ବିପ୍ଳବ ସାମଲ, ପ୍ରୀୟବ୍ରତ ଗନ୍ତାୟତ, ଶରତ ଗନ୍ତାୟତ ଓ ବିଚିତ୍ର ଓଝାଙ୍କ ସମେତ ଗ୍ରାମର ମୁରବୀ ଓ ଯୁବଗୋଷ୍ଠୀ ଏକତ୍ର ହୋଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କୁ ଏକ ଖୋଲା ଗାଡିରେ ଂଚାୟତ ପରିକ୍ରମା କରାଯାଇ ତାଙ୍କ ବାସଭବନକୁ ପାଛୋଟି ନିଆଯାଇଥିଲା । ବାଟରେ ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା ।

ଶ୍ରୀ ପତି ୨୦୦୩ ମସିହାରେ ନାଗପୁରସ୍ଥ ବିଗ୍ରେଡ ଅଫ ଦି ଗାର୍ଡରେ ପ୍ରଥମେ ନିଯୁକ୍ତ ହୋଇଥିଲେ । ୩୧ ଡିସେମ୍ବର ୨୦୨୨ ମସିହାରେ ସେ ପଞ୍ଜାବସ୍ଥିତ ପଟିଆଲାଠାରେ କାର୍ଯ୍ୟରୁ ଅବସର ନେଇଥିଲେ । ଆଗାମୀ ଦିନରେ ଗାଁର ଅସହାୟ ଗରୀବ ଲୋକଙ୍କ ସେବା କରିବା ସହ ଏକ ଟ୍ରେନିଂ ଏକାଡେମୀ କରାଇ ଯୁବକମାନଙ୍କୁ ଦେଶ ସେବାରେ ସହଯୋଗରେ ସହଭାଗିତା ହେବା ନେଇ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ପତି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ଶିକ୍ଷାର ଦେବୀ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ

ଜୟପୁର, ୦୪/୦୧ (ନି.ପ୍ର): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତ ବର୍ଷରେ ପ୍ରଥମେ ମହିଳା ମାନଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିଥିବା ମହାମାନବୀ ଶିକ୍ଷାର ଦେବୀ ସାବିତ୍ରୀ ବାଇ ଫୁଲେଙ୍କ୧୯୩ତମ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ଶ୍ରୀ ଯୁଧିଷ୍ଠିର ରାଉଳ ଏହି ସଭାରେ ସଭାପତିତ୍ୱ କରିଥିଲେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଉଦବୋଧନ ଦେଇ କହିଥିଲେ ଯେ, ଯେଉଁ ସମୟରେ ମହିଳା ମାନଙ୍କୁ ଶିକ୍ଷା ଅଧିକାରରୁ ବାହାରେ ରଖା ଯାଉଥିଲା ସେହି ସମୟରେ ସାବିତ୍ରୀ ବାଇ ଫୁଲେ ନିଜ ସ୍ୱାମୀଙ୍କ ଠାରୁ ପ୍ରେରଣା ପାଇ ନିଜେ ପଢିବା ସହ ମହିଳା ମାନଙ୍କୁ ଶିକ୍ଷିତା କରେଇବା ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ତାଙ୍କର ସହଯୋଗୀ ଫାତିମା ବି ଓ ତାଙ୍କ ଉପରକୁ ଉଚ୍ଚ ଜାତିର ଲୋକମାନେ ଗୋବର, ପଥର ଫୋପାଡୁ ଥିଲେ । ସେମାନଙ୍କୁ ଦୁଇଟି ଶାଢ଼ୀ ନେଇ ବିଦ୍ୟାଳୟକୁ ଯିବାକୁ ପଡୁଥିଲା କାରଣ ପିନ୍ଧି ଆସିଥିବା ଲୁଗା ବଦଳେଇ ସ୍କୁଲ ରେ ପାଠ ପଢ଼ାଉଥିଲେ । ମହାରାଷ୍ଟ୍ର ରାଜ୍ୟର ପୁଣେରେ ପ୍ରଥମ ମହିଳା ବିଦ୍ୟାଳୟ ସ୍ଥାପନ କରିଥିବା ସାବିତ୍ରୀ ବାଇ ଫୁଲେ ଜଣେ ମରାଠି କବୟତ୍ରୀ ଏବଂ ମହିଳା ମାନଙ୍କ ଅଧିକାର ସମ୍ବନ୍ଧୀୟ ଅନେକ ପୁସ୍ତକ ରଚନା କରିଛନ୍ତି । ୧୮୩୧ ଜାନୁଆରୀ ୩ ତାରିଖରେ ଜନ୍ମଗ୍ରହଣ କରିଥିବା ଏହି ମହିୟସୀ ମହିଳା ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ମାର୍ଚ୍ଚ -୧୦ , ୧୮୯୭ ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମତୀ ସଞ୍ଜୁଲତା ସାହୁ, କମଳା ଜାନୀ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ସନ୍ୟାସୀ ମାଳି, ନନ୍ଦ ହରିଜନ ପ୍ରମୁଖ ଯୋଗଦାନ କରିଥିଲେ ।

ଆୟବାରେ ଖୋଲିଲା ଧାନମଣ୍ଡି କେନ୍ଦ୍ର

କେନ୍ଦ୍ରାପଡ଼ା, ୦୪/୦୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଂଚାୟତରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀ ମାନଙ୍କ ପାଇଁ ଧାନ ମଣ୍ଡି ଖୋଲା ଯାଇଛି । ସମବାୟ ସମିତିର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ସଂପାଦକ ବିଜୟ କୁମାର ବାରିକ ଉପସ୍ଥିତ ଥିବା ଶତାଧିକ ଚାଷୀ ମାନଙ୍କ ସହିତ ଧାନକ୍ରୟ ସଂପର୍କରେ ଆଲୋଚନା କରିଥିଲେ । ସମିତିକୁ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀ ମାନଙ୍କ ଯେଭଳି କୌଣସି ପ୍ରକାର ଅସୁବିଧା ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସଂପାଦକ ଶ୍ରୀ ବାରିକ ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀଙ୍କ ସହିତ ସ୍ଥାନୀୟ ଅଂଚଳର ଜନ ସାଧାରଣ ଉପସ୍ଥିତ ଥିଲେ ।

ଇସ୍ପାତ ଜେନେରାଲ ହସ୍ପିଟାଲରେ ଦଲାଲ ରାଜ୍: ରୋଗୀ ସେବା ଚୁଲିକୁ ଗଲାଣି

ରାଉରକେଲା, ୦୪/୦୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଅଧିନରେ ଥିବା ଡାକ୍ତରଖାନା ଆଇଜିଏଚରେ ଏବେ ଦଲାଲ ରାଜ ବଢି ଚାଲିଥିବା ବେଳେ ରୋଗୀ ମାନେ ହନ୍ତସନ୍ତ ହେବା ସହ ସେମାନଙ୍କ ପରିବାର ବର୍ଗ ହା ହା କାର ଡାକୁଛନ୍ତି । ଦଲାଲ ମାନଙ୍କର ଏହି ଡାକ୍ତରଖାନା ଭିତରକୁ ମନଇଚ୍ଛା ପ୍ରବେଶ ସେବାରେ ଥିବା ରୋଗୀ ମାନଙ୍କ ଲାଗି ନାନା ସମସ୍ୟାର କାରଣ ଓ ସେବା ଏଠାରେ ବେପାର ସାଜିଛି । ରାଉରକେଲା ସହରର ଏହି ଡାକ୍ତରଖାନା ଲାଗି ସେଲ୍ ଅନେକ ଅର୍ଥ ବିନିଯୋଗ କରୁଛି । ଏହାର ଅନେକ ସୁନାମ ରହିଥିବା ବେଳେ ଏହାର ସୁନାମକୁ ଧିରେ ଧିରେ ଦଲାଲ ମାନେ ନଷ୍ଟ କରିବାରେ ଲାଗିଛନ୍ତି, କିନ୍ତୁ ଏହାର ପ୍ରଶାସନିକ ବ୍ୟବସ୍ଥା ସଂପୂର୍ଣ୍ଣ ନୀରବ । ଏଠାରେ ଘରୋଇ ଓ କାରଖାନାର କର୍ମଚାରୀଙ୍କୁ ସେବା ମିଳିଥାଏ, କାରଖାନାର କର୍ମଚାରୀ ମାନେ ମାଗଣା ଓ ବାହାର ରୋଗୀ ପଇସା ଦେଇ ସେବା ପାଇଥାନ୍ତି । ତେବେ ଏଠାରେ ଆଡମିଟ ହେଉଥିବା ରୋଗୀ ମାନଙ୍କ ଲାଗି ଡାକ୍ତର ଯେଉଁ ମେଡିସିନ ମାନ ଲେଖୁଛନ୍ତି ସେ ସବୁ ବାହାର ମେଡିସିନ ଦୋକାନରୁ ଆଣିବାକୁ ପ୍ରାୟ ପଡିଥାଏ । ତେବେ ମେଡିସିନ ଆଣି ରୋଗୀଙ୍କ ଲୋକ ରଖିବା ପରେ ସେମାନଙ୍କର ଅନୁପସ୍ଥିତର ସୁଯୋଗ ନେଇ, ଇସ୍ପାତ ମାର୍କେଟ ଅଂଚଳରେ ଥିବା କିଛି ମେଡିସିନ ଷ୍ଟୋର ର ଦଲାଲ ମାନେ ସେହି ମେଡିସିନ ଗୁଡିକୁ ଚୋରୀ କରିନେଉଥିବାର ଅଭିଯୋଗ ହେଉଛି । ନାନା ପ୍ରକାର ମେଡିସିନ ଓ ସାଲାଇନ ମାନ ଏଠାରୁ ନିୟମିତ ପ୍ରତିରୋଗୀ ପାଖରୁ ଚୋରୀ ହେଉଛି । ଫଳରେ ପୁଣି ସେହି ମେଡିସିନ ଗୁଡିକୁ ରୋଗୀ ମାନେ ପୁର୍ନବାର କିଣୁଛନ୍ତି । ଏହାଦ୍ୱାରା ଗୋଟାଏ ରୋଗୀ ଚିକିତ୍ସା ହେବା ଲାଗି ଯାହା ଖର୍ଚ୍ଚ ହେବା କଥା ତାହା ବଢିଯାଇ ତାର ପରିବାର ବର୍ଗଙ୍କୁ ନାନା ସମସ୍ୟାରେ ପକାଉଛି । ତେବେ ଡାକ୍ତରଖାନା ଭିତରକୁ ସବୁ ସମୟରେ ସବୁ ଲୋକ ଯାଇପାରିବେନି, ସେଥିଲାଗି ସୁରକ୍ଷା ବ୍ୟବସ୍ଥା ଏଠାରେ ରହିଛି, ତା ସତ୍ତ୍ୱେ କିଭଳି ଏହି ଦଲାଲ ମାନେ ଡାକ୍ତରଖାନା ଭିତରକୁ ପ୍ରବେଶ କରୁଛନ୍ତି ସେନେଇ ଉଠିଛି ପ୍ରଶ୍ନ । ତା ଛଡା ଭୁବନେଶ୍ୱର କଟକର କିଛି ଘରୋଇ ଡାକ୍ତରଖାନାର ଦଲାଲ ମଧ୍ୟ ଏଠାରେ ଘୁରି ବୁଲିବା ସହ କିଛି ଘରୋଇ ଆମ୍ବୁଲାନ୍ସ ବାଲାଙ୍କୁ ହାତରେ ରଖିଛନ୍ତି, ସେମାନେ ଗୁରୁତର ରୋଗୀ ମାନଙ୍କୁ ବିଭିନ୍ନ ଡାକ୍ତରଙ୍କ ମାଧ୍ୟମରେ ଏଠାରୁ ରେଫର କରି ସେହି ସବୁ ଡାକ୍ତରଖାନାକୁ ନେଇ ବେପାର ଚଳାଇଥିବା ଅଭିଯୋଗ ହେଉଛି । ବିଶେଷ କରି ଯେଉଁମାନଙ୍କର ବୀମା ସୁବିଧା ଓ ଆରଏସପିରୁ ବିଲ ହେବାର ସୁବିଧାର ରହିଛି ସେହି ସବୁ ରୋଗୀ ମାନଙ୍କୁ ଏମାନେ ଟାର୍ଗେଟ କରୁଥିବା କୁହାଯାଉଛି । ଏହି ଡାକ୍ତରଖାନାରେ ରୋଗୀ ସେବା ଏବେ ବେପାରରେ ପରିଣତ ହୋଇଥିବା ବେଳେ ଏହାର ପାଇଖାନା ଓ ଅନ୍ୟାନ୍ୟ ସଫେଇ କାମ ମଧ୍ୟ ସଠିକ ଭାବେ ହେଉନଥିବା ଅଭିଯୋଗ ହେଉଛି । ବରିଷ୍ଠ ଡାକ୍ତରମାନେ ଏଠି କିଛି ରୋଗୀଙ୍କୁ ସମୟ ଦେଉଥିବା ବେଳେ କନିଷ୍ଠ ଡାକ୍ତରମାନଙ୍କ ଉପରେ ଅନ୍ୟ ରୋଗୀ ମାନେ ଭରଷା କରୁଛନ୍ତି । ଯଦିବି କେହି ବରିଷ୍ଠ ମାନଙ୍କୁ ଅନୁରୋଧ କରୁଛି ସେମାନେ କର୍ଣପାତ କରୁନଥିବାର ଅଭିଯୋଗ ହେଉଛି । ଏତେ ସବୁ ସମସ୍ୟା ରହିଥିବା ବେଳେ ରୋଗୀ ମାନେ କାହାକୁ ଗୁହାରୀ କରି ନ୍ୟାୟ ପାଇବେ ଓ ସେବା ପାଇବେ ତାହା ଜାଣି ପାରୁନାହାନ୍ତି ।

ଡାକ୍ତରଖାନା ପରିସରରେ ଜଣେ ପ୍ରଶାସନିକ ଅଧିକାରୀ ଅନେକ ଦରମା ନେଇ ବସିଛନ୍ତି, ତା ସତ୍ତ୍ୱେ ଏତେ ସବୁ ସମସ୍ୟା ଲାଗି ରହିବା ରୋଗୀ ସେବା ଏଭଳି ଅନୁଷ୍ଠାନରେ ବେପାର ଓ ଶୋଷଣରେ ପରିଣତ ହେବା ସେହି ପଦବୀର ଗାରିମା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ମହୋଦଧି ଆରତୀ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୦୪/୦୧ (ନି.ପ୍ର): ଚଳିତ ମାସ ୬ ତାରିଖ ଅପରାହ୍ନରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର କୂଳରେ ମହୋଦଧି ଆରତୀ ଉତ୍ସବ ପାଳନ କରାଯିବ । ଏଥି ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଏହି କାର୍ଯ୍ୟକ୍ରମ କୁ ଭବ୍ୟ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେବା ସହ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସହଯୋଗର ସହ ଏହାକୁ ସଫଳ କରିବାକୁ ମତ ଦେଇଥିଲେ । ତୀର୍ଥରାଜ ଶ୍ରୀ ମହୋଦଧି ଆରତୀ ପରିଚାଳନା ସମିତିର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ ଏଥିରେ ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ,ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଙ୍କ ସମେତ ବହୁ ସାଧୁ ସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ

ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ

ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ୍ୟ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ ।

ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ୍ୟ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୁର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି । ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ ।

ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ୍ୟ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ । ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି । ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

ବିଜ୍ଞାନର କମାଲ

ବ୍ରେନ ସ୍କାନ ମାଧ୍ୟମରେ ମଣିଷର ଡିପ୍ରେସନକୁ ଦେଖିହେବ ଓ ଏହାକୁ ଚିକିତ୍ସା କରିହେବ



ମଣିଷ ଈଶ୍ୱରଙ୍କ ସୃଷ୍ଟିରେ ଏକ ବିଚିତ୍ର ଜୀବ । ଦିନକୁ ଦିନ ବିଜ୍ଞାନ ବିକାଶ ଲାଭ କରିବା ସହିତ ମଣିଷକୁ ନେଇ ବିଭିନ୍ନ ପ୍ରକାରର ଗବେଷଣାତ୍ମକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି । ତେଣୁ ମଣିଷର ବ୍ରେନ ଉପରେ ବୈଜ୍ଞାନିକମାନେ ସ୍ୱତନ୍ତ୍ର ଭାବେ ଅଧ୍ୟୟନ କରିଥାନ୍ତି । ନିକଟରେ ବୈଜ୍ଞାନିକମାନେ ଏକ ନୂଆ ସଫଳତା ହାସଲ କରିଛନ୍ତି । ସ୍କାନ ମାଧ୍ୟମରେ ମଣିଷର ବ୍ରେନର ଡିପ୍ରେସନକୁ ଦେଖିହେବ । ଏଥିସହିତ ଏହାକୁ ଚିକିତ୍ସା ମଧ୍ୟ କରିହେବ ବୋଲି ନୂଆ ରିସର୍ଚ୍ଚରୁ ଜଣାପଡ଼ିଛି ।

ସାଧାରଣ ଭାବେ ଡିପ୍ରେସନ ହେଉଛି ଏକ ଭୟଙ୍କର ଅସୁସ୍ଥତା । ଏହାଦ୍ୱାରା ଜଣେ ବ୍ୟକ୍ତି ଖରାପ ଅନୁଭବ କରିବା ସହିତ ଏହା ପ୍ରାଥମିକ ଭାବେ ମାନସିକ ଅଶାନ୍ତିର କାରଣ ସାଜିଥାଏ । ମଣିଷର ମାନସିକ ଅସୁସ୍ଥତାକୁ ନେଇ ଅନେକ ସମୟରେ ବିଶେଷଜ୍ଞମାନେ ମଧ୍ୟ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ଯେତେବେଳେ ଜଣେ ମାନସିକ ଭାବେ ସଠିକ୍ ସ୍ଥିତିରେ ନଥାଏ, ତା'ର ଶରୀର ମଧ୍ୟରେ କ'ଣ ଚାଲିଥାଏ ତାହା ସେ ଜାଣିବାକୁ ଅକ୍ଷମ ଥାଏ ।

ନିକଟରେ ଟେକ୍ସାସ ସ୍ଥିତ ହୌଷ୍ଟନର ବେଲର କଲେଜ ଅଫ୍ ମେଡିସିନ ପକ୍ଷରୁ ଏକ ରିସର୍ଚ୍ଚ କରାଯାଇଛି । ମସ୍ତିଷ୍କର କାର୍ଯ୍ୟକଳାପକୁ ଅନୁସରଣ କରି ମଣିଷର ଭାବପ୍ରବଣତା ସ୍ଥିତି ବିଷୟରେ ଜାଣିବା ପାଇଁ ଗବେଷକମାନେ 'ମୁଡ୍ ଡେଭଲପର' ବିକଶିତ କରିଛନ୍ତି । ମଣିଷର ବ୍ରେନରେ ମୁଡକୁ ଡିକୋଡିଂ କରିବା ହେଉଛି ପ୍ରଥମ ଘଟଣା । ଏଥିସହିତ ରିସର୍ଚ୍ଚକାରୀମାନେ ଜଣେ ରୋଗୀର ବ୍ରେନରେ କିପରି ପଜିଟିଭ୍ ମୁଡକୁ ଉତ୍ସାହିତ କରାଯିବ ସେ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଛନ୍ତି ।

ସାପମାନେ ବି କରିଥାନ୍ତି 'ସୁଇସାଇଡ୍'

ଆମ ପୃଥିବୀ ପୃଷ୍ଠରେ ଅନେକ ପ୍ରକାରର ଜୀବଜନ୍ତୁ, ସରିସୃପ, ବୃକ୍ଷଲତା ରହିଛନ୍ତି । ତେବେ ଅନେକ ସମୟରେ ବୃକ୍ଷଲତା ଓ ସରିସୃପଙ୍କୁ ନେଇ ନୂଆ ନୂଆ ରିସର୍ଚ୍ଚ ତଥ୍ୟ ସାମ୍ନାକୁ ଆସିଥାଏ । ତେବେ ଆପଣମାନେ ଜାଣନ୍ତି ସାପମାନେ ମଧ୍ୟ ସୁଇସାଇଡ୍ କରିଥାନ୍ତି । ଅନେକ ଲୋକ ଏନେଇ ଅଜ୍ଞାତ ଥାଆନ୍ତି । ତେବେ ଏକଥା ସତ ବୋଲି ରିସର୍ଚ୍ଚ ରିପୋର୍ଟରୁ ଖୁଲାସା ହୋଇଛି । ସାଧାରଣ ଭାବେ ମଣିଷମାନେ ଅନେକ ସମୟରେ କଠିନ ପରିସ୍ଥିତିକୁ ସାମ୍ନା କରି ନପାରି ଆତ୍ମହତ୍ୟା କରିଥାନ୍ତି । ଅନୁରୂପ ଭାବେ ସାପମାନେ ମଧ୍ୟ ଆତ୍ମହତ୍ୟା କରୁଥିବାର ନେଇ ଅତୀତରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଥିଲା । ତେବେ ଏହି ଖବରକୁ ନେଇ ପ୍ରଥମେ ଗବେଷକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ । ଗୋଟିଏ ବିଷାକ୍ତ ସାପ ଆତ୍ମହତ୍ୟା କରିଥିବା ନେଇ ଅଷ୍ଟ୍ରେଲିଆର ରିସର୍ଚ୍ଚରମାନେ ସ୍ୱଷ୍ଟ ହୋଇଥିଲେ । ତେବେ ଜଣାପଡ଼ିଥିଲା ଯେ, ଆତ୍ମହତ୍ୟା କରିଥିବା ବିଷାକ୍ତ ସାପର ନାମ ହେଉଛି ଟ୍ରି ବ୍ରାଉନ । ତାହା ସାଧାରଣ ଭାବେ ଅଷ୍ଟ୍ରେଲିଆରେ ଦେଖାଯାଇଥାଏ । କେର୍ନସ ସହରରେ ରହୁଥିବା ମୈଟ ହେଗନ ନାମକ ଜଣେ ସାପ ଧରାଳି ଏହି ଘଟଣାକୁ ଦେଖିଥିଲେ । ହେଗନ ଏକ ୱେବସାଇଟରେ ଏହା ଉଲ୍ଲେଖ କରିଥିଲେ ଯେ, ଜଣେ ମହିଳାଙ୍କ ଘର ବାହାରେ ଏକ ଟ୍ରି ବ୍ରାଉନ ସାପ ଥିବା ସେ ଖବର ପାଇଥିଲେ । ମାତ୍ର ମହିଳାଙ୍କ ସୂଚନା ମୁତାବକ ସାପଟି ଦୁଇ ଘଣ୍ଟା ଧରି ଗୋଟିଏ ସ୍ଥାନରେ ପଡ଼ି ରହିଥିଲା । ସେ ସାପଟି ପାଖକୁ ଯାଇ ଦେଖିଲେ ଯେ, ସାପଟି ନିଜ ପାଟିରେ ବେକକୁ ଦବାଇ ଦେଇଥିଲା । ଫଳରେ ତା'ର ମୃତ୍ୟୁ ଘଟିଥିଲା । ସାପଟି ଏଭଳି ଅବସ୍ଥାରେ ମୃତ୍ୟୁବରଣ କରିବା ହେଗନଙ୍କୁ ସନ୍ଦେହରେ ପକାଇ ଦେଇଥିଲା । ତେଣୁ ସେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସାପଟିକୁ ପରୀକ୍ଷାଗାରକୁ ନେଇ ପରୀକ୍ଷା କରାଇଥିଲେ । ସାପଟିର ବିଷ ନିଜ ଶରୀରରେ ପହଞ୍ଚିବା ଦ୍ୱାରା ତା'ର ମୃତ୍ୟୁ ହୋଇଥିବା ପରୀକ୍ଷଣରୁ ସ୍ୱଷ୍ଟ ହୋଇଥିଲା ।

ନୂଆ ଜୋତା ଡବାରେ କାହିଁକି ଥାଏ ଛୋଟ ଧଳା ପୁଡିଆ: ଜାଣନ୍ତୁ କାରଣ

ଘରକୁ ଯେତେବେଳେ କିଛି ନୂଆ ଇଲେକଟ୍ରୋନିକ ଆଇଟମ କିମ୍ବା ବ୍ୟାଗ ଜୋତା କିଣା ହୋଇ ଆସିଥାଏ ସେଥିରେ ଏକ ଧଳା ଛୋଟ ପ୍ୟାକେଟ ଦେଖିବାକୁ ମିଳିଥାଏ । ଏହାକୁ ଦେଖି ଆମେ ଭାବି ଥାଉ ହଁ ଏମିତି କିଛି କାରଣ ପାଇଁ ଏଥିରେ ଅଛି । ହେଲେ ଏହି ପ୍ୟାକେଟ ଏକ ଜରୁରୀ ଉଦ୍ଦେଶ୍ୟ ନେଇ ନୂଆ ଜିନିଷରେ ଦିଆଯାଇଥାଏ । ଆପଣ ଜାଣିଛନ୍ତି କି ଏହା ପଛରେ ଥିବା କାରଣ କଣ ? ଯଦି ଆପଣ କେବେ ଏହି ପ୍ୟକେଟକୁ ହାତରେ ସ୍ପର୍ଶ କରିଥିବେ ଲାଗେ ଏଥିରେ ଯେମିତି ଛୋଟ ଛୋଟ ମାଳି ଅଛି । ତେବେ ତାହା ହେଉଛି ଛୋଟ ଛୋଟ ମୋତି ପରି ସିଲିକା ଜେଲ । ବାୟୁରେ ଥିବା ଓଦାପଣକୁ ଟାଣିବାର କ୍ଷମତା ରଖିଥାଏ ସିଲିକା ଜେଲ । ଏହି କ୍ଷମତା ପାଇଁ ନୂଆ ପ୍ରଡକ୍ଟ ଖୋଳରେ ଏହାକୁ ଦିଆଯାଇଥାଏ । ତେବେ ଏହା ପଛରେ କଣ ରହିଛି କାରଣ ? କହିବାକୁ ଗଲେ ଜୋତା ତିଆରି ଠାରୁ ଆରମ୍ଭ କରି ଷ୍ଟୋରରେ ରଖିବା ଏବଂ ବିକ୍ରି ହେବା ପର୍ଯ୍ୟନ୍ତ ତାହା ଗୋଟେ ଡବା ଭିତରେ ବନ୍ଦ ହୋଇ ରହିଥାଏ । ତେବେ ଏତେ ସମୟ ଧରି ଯଦି ଗୋଟେ ବନ୍ଦ ଡବାରେ ଜିନିଷ ରୁହେ ଏବଂ ବାୟୁରେ ଥିବା ଓଦା କରଣରୁ ଖରାପ ହୋଇଯାଏ । କାରଣ ଓଦାପଣ ପାଇଁ ବ୍ୟାକ୍ଟେରିଆ ଲାଗିଯାଆନ୍ତି । ଫଳରେ ଜିନିଷ ବା ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଏପରି ହେବା ଦ୍ୱାରା ପ୍ରଡକ୍ଟ ଖରାପ ହୋଇପାରେ ଯାହାଫଳରେ ଦୋକାନୀଙ୍କୁ ଏହାର କ୍ଷତି ସହିବାକୁ ପଡିବ । ସିଲିକାଜେଲ ଏହି କାରଣ ପାଇଁ ନୂଆ ପ୍ୟାକେଟରେ ଦିଆଯାଏ ।

ଶାରୀରିକ ସମ୍ପର୍କ ଦ୍ୱାରା ରକ୍ତଚାପ, ହାର୍ଟ ଆଟାକ ଓ ହୃଦରୋଗ ହ୍ରାସ ପାଇବ, ଆୟୁଷ ବଢ଼ିବ, ମନୋବଳ ଦୃଢ଼ ହେବ: ରିସର୍ଚ୍ଚ

ମଣିଷ ଜନ୍ମ ନେଇଛି, ଦିନେ ନା ଦିନେ ନିଶ୍ଚିତ ମୃତ୍ୟୁବରଣ କରିବ । ମଣିଷ ଜନ୍ମ ପରେ କିଛି ବର୍ଷ ଅତିକ୍ରାନ୍ତ ହୋଇ ବୃଦ୍ଧାବସ୍ଥାରେ ପହଞ୍ଚିଥାଏ । ମଣିଷର ବୟସ ଉପରେ ଉପରେ କାହାର ନିୟନ୍ତ୍ରଣ ନଥାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି, ଉପଯୁକ୍ତ ଖାଦ୍ୟପେୟ, ବ୍ୟାୟାମ ଆଦି ନିୟମିତ କରିବା ଦ୍ୱାରା ଆପଣଙ୍କ ବୟସ କିଛି ବର୍ଷ ବୃଦ୍ଧି ଘଟିପାରେ । ତେବେ ଶାରୀରିକ ସମ୍ପର୍କ ଦ୍ୱାରା ମଣିଷର ବୟସ ମଧ୍ୟ ବୃଦ୍ଧି ହୋଇପାରିବ ବୋଲି ନିକଟରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ବିଶେଷଜ୍ଞଙ୍କ ମତରେ ଶାରୀରିକ ସମ୍ପର୍କ ଦ୍ୱାରା ଅନେକ ଗୁରୁତର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମିଥାଏ । ଏହା ଶାରୀରିକ ସନ୍ତୁଷ୍ଟି ପ୍ରଦାନ କରିବା ସହ ମଣିଷର ମନୋବଳକୁ ଦୃଢ଼ କରିଥାଏ । ଏହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ରକ୍ତଚାପ, ହୃଦରୋଗ ଆଦିରୁ ରକ୍ଷା ମିଳିଥାଏ ।

ଶାରୀରିକ ସମ୍ପର୍କ ଦ୍ୱାରା ହାର୍ଟ ଆଟାକ ଆସିବା ପରେ ବଞ୍ଚିବାର ସମ୍ଭାବନା ବଢ଼ି ଯାଇଥାଏ । ପ୍ରତି ସପ୍ତାହରେ ଅଧିକ ଥର ଶାରୀରିକ ସମ୍ପର୍କ ସ୍ଥାପନ କରୁଥିବା ଲୋକଙ୍କୁ ଅନ୍ୟମାନଙ୍କ ଅପେକ୍ଷା ହୃଦଘାତ ହେବାର କମ୍ ଆଶଙ୍କା ରହିଥାଏ ।

ଶାରୀରିକ ସମ୍ପର୍କ ରକ୍ଷା କରିବା ଦ୍ୱାରା ମଣିଷ ଦୀର୍ଘାୟୁ ହେବାର ସମ୍ଭାବନା ବଢ଼ିଥାଏ । ଏହା ଉପରେ ବହୁ ପୂର୍ବରୁ ଗବେଷଣା କରାଯାଇ ଏହା ପ୍ରମାଣିତ ହୋଇସାରିଛି । ଯେଉଁ ପୁରୁଷମାନେ କମ ଶାରୀରିକ ସମ୍ପର୍କ ସ୍ଥାପନ କରନ୍ତି, ସେମାନେ ବେଶୀ ମାତ୍ରାରେ ହୃଦରୋଗ ସହ ଇରେକ୍ଟାଇଲ ଡିସଫଙ୍କସନରେ ଆକ୍ରାନ୍ତ ହୋଇଥାନ୍ତି ବୋଲି କୁହାଯାଉଛି ।

ଶୀତଦିନରେ ସେବନ କରନ୍ତୁ ନାହିଁ ଏହି ୪ଟି ଖାଦ୍ୟ; ନଚେତ ହୋଇପାରେ ହୃଦଘାତ ଆଶଙ୍କା

ବର୍ତ୍ତମାନ ଶୀତଋତୁ ଚାଲୁଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିର ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ଫଳରେ ଅତି ସହଜରେ ବିଭିନ୍ନ ପ୍ରକାର ଶରୀରରେ ପ୍ରବେଶ କରିଥାଏ । ତେଣୁ ଏହି ମୌସୁମୀ ପରିବର୍ତ୍ତନରେ ଆପଣମାନେ ନିଜ ଖାଦ୍ୟପେୟ ପ୍ରତି ଅଧିକ ଯତ୍ନବାନ ହେବା ସହ ଶରୀର ପ୍ରତି ଧ୍ୟାନ ରଖିବା ଆବଶ୍ୟକ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏହି ଶୀତଋତୁରେ ଏପରି କିଛି ଖାଦ୍ୟ ଅଛି ଯାହାକୁ ସେବନ କରିବା ଅନୁଚିତ୍ । ଆପଣମାନେ ଯଦି ସେହି ଖାଦୟ ସେବନ କରନ୍ତି ତେବେ ହୃଦଘାତ ପରି ସମସ୍ୟା ଉପୁଜିବାର ଅନେକ ସମ୍ଭାବନା ରହିଛି । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ୪ଟି ଖାଦ୍ୟ ବିଷୟରେ...

■ ରେଡମିଟ୍ (ଲାଲମାଂସ): ଶୀତଦିନରେ ଲାଲ ମାଂସ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ । କାରଣ ଏଥିରେ ପ୍ରଚର ପିମାଣର ସେଚୁରେଟ୍ ଫ୍ୟାଟ ଏବଂ କୋଲେଷ୍ଟ୍ରଲ ରହିଥାଏ, ଯାହାକି ହୃଦଘାତ ପରି ସମସ୍ୟା ସୃଷ୍ଟି କରେ । ତେଣୁ ଶୀତଦିନେ ରେଡ୍ ମିଟ ସେବନ କରିବା ଉଚିତ ନୁହେଁ ।

■ ଫାଷ୍ଟ ଫୁଡ: ଆପଣମାନେ ଶୀତଦିନେ ଫାଷ୍ଟ ଫୁଡ ସେବନ ଠାରୁ ଦୂରେଇ ରହିବା ଆବଶ୍ୟକ । କାରଣ ଶୀତଦିନରେ ଶରୀରରୁ କମ ଝାଳ ନିର୍ଗତ ହୁଏ ଏବଂ ଶରୀର ଅଳଶୁଆ ଲାଗିଥାଏ । ଫଳରେ ଆମ ଖାଦ୍ୟ ଶୀଘ୍ର ହଜମ ହୋଇନଥାଏ । ଏପରି ସ୍ଥିତିରେ ତେଲ ମସଲା ଜାତିୟ ଖାଦ୍ୟ କିମ୍ବା ଫାଷ୍ଟ ଫୁଡ ସେବନ କଲେ ଏହା ଶୀରରେ କୋଲେଷ୍ଟଲର ମାତ୍ରାକୁ ବଢାଇ ଦେଇଥାଏ । ଫଳରେ ଏହାକୁ ସେବନ କରିବା ଦ୍ୱାରା ମେଦବହୁଳତା ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଶୀତଦିନରେ ଏପରି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ।

■ ତେଲ ଜାତିୟ ଖାଦ୍ୟ: ଶୀତଦିନରେ ଅନେକ ଲୋକ ତେଲ ଜାତିୟ ଖାଦ୍ୟ ଅର୍ଥାତ୍ ଛଣାଛଣି ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶୀତଦିନରେ ଏପରି ଖାଦ୍ୟ ଖାଇବା ଶରୀର ପ୍ରତି ବିପଦ ଆମିପାରେ । କାରଣ ଏହି ତେଲ ଜାତିୟ ଖାଦ୍ୟ ଶୀରୀରରେ କୋଲେଷ୍ଟ୍ରଲର ମାତ୍ରାକୁ ବଢାଇବାରେ ସାହାଯ୍ୟ କରେ । ଫଳରେ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଇଥାଏ । ତେଣୁ ଶୀତଦିନେ ଏହିପରି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ।

■ ମିଠା ଜାତିୟ ଖାଦ୍ୟ: ଶୀତଦିନେ ମିଠା ଜାତିୟ ଖାଦ୍ୟ ଯେପରି ଚାହା, କଫି ଚକୋଲେଟ୍, ପେଷ୍ଟ୍ରୀ ଆଦି ଖାଦ୍ୟ ଖାଇବାକୁ ଅନେକ ଲୋକେ ପସନ୍ଦ କରୁଥିବା ବେଳେ ଏହା ଶୀରରେ କୋଲେଷ୍ଟ୍ରଲ ମାତ୍ରା ବୃଦ୍ଧି କରିବାରେ ସାହାଯ୍ୟକରେ ଫଳରେ ହୃଦଘାତ ହେବାର ଅନେକ ସମ୍ଭାବନା ଥାଏ । ତେଣୁ ଶୀତଦିନେ ମିଠାଜାତିୟ ଖାଦ୍ୟଠାରୁ ଦୂରେଇ ରହିବା ଆବଶ୍ୟକ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅର୍ଥନୀତି ପାଇଁ ସୁଖବର...

ବର୍ଷ ୨୦୨୩ ଆରମ୍ଭରୁ ଦେଶର ଅର୍ଥନୀତି ପାଇଁ ଆସିଛି କିଛି ସୁଖବର । ଏହା ପୂର୍ବରୁ ଦୁଇ ବର୍ଷ ମହାମାରୀ କରୋନାର ଭୟଙ୍କର ପ୍ରଭାବ ତଳେ ଚାପି ହୋଇ ଅନେକ ଆଶଙ୍କା ଭିତରେ ଗତି କରୁଥିବା ଭାରତୀୟ ଅର୍ଥନୀତି ଚଳିତ ବର୍ଷର ଆରମ୍ଭରୁ ହିଁ ଆପାତତଃ ଶାନ୍ତିରେ ନିଃଶ୍ୱାସ ମାରିବା ଭଳି ଅବସ୍ଥା ଦେଇ ଗତି କରୁଥିବା ଜଣା ପଡ଼ିଛି । ବିଶ୍ୱର ବଡ଼ ବଡ଼ ଅର୍ଥନୀତିମାନେ ଯେତେବେଳେ ମହାମାରୀ ଯୋଗୁଁ ସୃଷ୍ଟି ପରିସ୍ଥିତିକୁ ମୁକାବିଲା କରିବାକୁ ବିଜ୍ଞ ବ୍ୟକ୍ତିମାନଙ୍କ ପରାମର୍ଶରେ ଆପ୍ରାଣ ଉଦ୍ୟମ ଚଳାଇଥିଲେ ଏବଂ ଏବେ ସୁଦ୍ଧା ଚଳାଇଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଭଳି ପରାମର୍ଶ ସବୁକୁ ଗ୍ରହଣ କରି ସହଜ ଉପାୟରେ ରାଜକୋଷ ପାଇଁ ଅର୍ଥ ସଂଗ୍ରହ କରିବାର ପ୍ରଲୋଭନକୁ ଏଡ଼ାଇ ପ୍ରାୟତଃ ବିପଦ ମୁଣ୍ଡାଇ ଦେଶର ରାଜସ୍ୱର ଏକ ବଡ଼ ଭାଗକୁ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ସହିତ ୮୦୦ ମିଲିଅନ୍‌ରୁ ଅଧିକ ସଂଖ୍ୟକ ଲୋକଙ୍କୁ ବର୍ଷ ପରେ ବର୍ଷ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇବା ସଙ୍ଗେ ସଙ୍ଗେ ଭିତ୍ତଭୂମି ନିର୍ମାଣ ଏବଂ ଅନେକ କ୍ଷେତ୍ରରେ ସଂସ୍କାର ଆଣିବା ଉପରେ ପ୍ରାଥମିକତା ପ୍ରଦାନ କରି ଦେଶକୁ ଏକ ସ୍ଥିର ବିକାଶର ପଥରେ ପଥିକ କରାଇବାରେ ବର୍ତ୍ତମାନ ସୁଦ୍ଧା ଅନ୍ତତଃ ସକ୍ଷମ ହୋଇଛନ୍ତି ବୋଲି କୁହାଯାଇପାରେ । ଭାରତୀୟ ଅର୍ଥନୀତି ମହାମାରୀ ଉପରାନ୍ତ କାଳରେ ହୁଏତ ଏହାର ବିଧ୍ୱଂସକାରୀ ବାତ୍ୟାର ଶିକାର ହୋଇଥାନ୍ତା, କିନ୍ତୁ ତାହା ନହେବାରୁ ମନେହୁଏ ଯେ ଅଧିକାଂଶ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ତୁଳନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ହିଁ ଠିକ୍ ଅଛି । ଆଜିକା ଦିନରେ ଦେଶର ଅର୍ଥନୀତି ବଳିଷ୍ଠ, ସୁସ୍ଥ ଓ ଊର୍ଦ୍ଧ୍ୱଗାମୀ ରହିଛି । ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଉତ୍ସ, ଯାହା ହେଉଛି ଉପଭୋଗ (କଞ୍ଜମ୍ପସନ୍) ଉପରେ ଆଧାରିତ ପରୋକ୍ଷ ଟିକସ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି), ତା'ର ଆଦାୟ ଗତ ବର୍ଷ ତୁଳନାରେ ହାରାହାରି ୧୫ ପ୍ରତିଶତ ବୃଦ୍ଧି ପାଇ ୨୦୨୨ ଡିସେମ୍ବରରେ ୧.୫ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ ବର୍ଷର ଅଧିକାଂଶ ସମୟରେ ଏହି ଜିଏସ୍‌ଟି ଆଦାୟର ପରିମାଣ କଷ୍ଟେମଷ୍ଟେ ୧.୪ ଲକ୍ଷ କୋଟି ଟଙ୍କାରୁ ସାମାନ୍ୟ ଉପରେ ରହୁଥିଲା । କର୍ପୋରେଟ୍ ଟିକସ ସଂଗ୍ରହ ହାର ଦୁଇ ବର୍ଷର ଅନ୍ତର ପରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ତିନି ପ୍ରତିଶତ ବା ୭.୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଚି । ଏହା ବ୍ୟାପକ ଭାବରେ ତଥା ବିଭିନ୍ନ ପରିସରରେ ଚାହିଦାରେ ବୃଦ୍ଧି ଘଟିବା ଦ୍ୱାରା ପ୍ରଚୋଦିତ ହୋଇ ଭାରତୀୟ ବ୍ୟବସାୟ ଜଗତର ସାମଗ୍ରିକ ଭାବରେ ଲାଭ କରିବାର ସାମର୍ଥ୍ୟକୁ ପ୍ରତିଫଳିତ କରୁଛି । ଖାଉଟିମାନଙ୍କ ଉପଭୋଗ ବା କଞ୍ଜମ୍ପସନ୍‌ର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ଦେଶରେ ଯାନବାହନର ବିକ୍ରି । ୨୦୨୧ରେ ସମଗ୍ର ଦେଶରେ ୩୦.୮୨ ଲକ୍ଷ କାର୍ ବିକ୍ରି ହୋଇଥିବା ବେଳେ ୨୦୨୨ରେ ଏହାର ବିକ୍ରୟ କ୍ଷେତ୍ରରେ ୨୩ ପ୍ରତିଶତ ବୃଦ୍ଧି ଘଟି ରେକର୍ଡ ୩୭.୯୩ ଲକ୍ଷ କାର୍ ବିକ୍ରି ହୋଇଛି । ପେଟ୍ରୋଲ ବିକ୍ରି ୮.୬ ପ୍ରତିଶତ ବୃଦ୍ଧି ପାଇ ୨.୭୬ ମିଲିଅନ୍ ଟନ୍‌ରେ ପହଞ୍ଚି ଥିବା ବେଳେ ଡିଜେଲ ବିକ୍ରୟ କ୍ଷେତ୍ରରେ ୧୩ ପ୍ରତିଶତ ବୃଦ୍ଧି ଘଟି ଡିସେମ୍ବର ୭.୩ ମିଲିଅନ୍ ଟନ୍‌ରେ ପହଞ୍ଚିଛି । ପୂର୍ବରୁ ଅକ୍ଟୋବର ମାସର ପର୍ବପର୍ବାଣୀ ଋତୁରେ ଏସବୁ କ୍ଷେତ୍ରରେ କାରବାରରେ ବୃଦ୍ଧି ଦେଖା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ କୃଷି କ୍ଷେତ୍ରରେ ଡିଜେଲର ବ୍ୟବହାର ଅଧିକ ହୋଇଥିବା ଦେଖିବାକୁ ମିଳିଛି ଯାହା ଅବଶ୍ୟ ଏକ ଶୁଭ ସୂଚନା । ସେହିପରି ଭାରତର ଶକ୍ତି ଉପଭୋଗ କ୍ଷେତ୍ରରେ ମଧ୍ୟ ଡିସେମ୍ବର ୨୦୨୧ ତୁଳନାରେ ଦେଖିବାକୁ ମିଳିଛି । ଦୁଇ ଅଙ୍କ ବିଶିଷ୍ଟ ୧୧ ପ୍ରତିଶତ ବୃଦ୍ଧି ଏବଂ ଏହା ଡିସେମ୍ବର ୨୦୨୨ ସୁଦ୍ଧା ହୋଇଛି ୧୨୧.୧୯ ବିଲିଅନ୍ ୟୁନିଟ୍ । ଏହି ଧରଣର ଦୃଢ଼ ଅଭିବୃଦ୍ଧି ଡିସେମ୍ବର ମାସରେ ଅର୍ଥନୀତିକ କାର୍ଯ୍ୟକଳାପଗୁଡ଼ିକର ସ୍ଥାୟୀ ଗତିଶୀଳତା ବଜାୟ ରହିଥିବାରୁ ସୂଚାଉଛି । ବର୍ଦ୍ଧିତ ଚାହିଦାକୁ ଲକ୍ଷ୍ୟ ରଖି ବିଲଡର୍‌ମାନେ ଅଧିକ ପ୍ରକଳ୍ପମାନ ଆରମ୍ଭ କରିବା ଦ୍ୱାରା ଦେଶର ସାତଗୋଟି ପ୍ରମୁଖ ସହରରେ ଗତ ବର୍ଷ ବାସୋପଯୋଗୀ ସମ୍ପତ୍ତିର ଯୋଗାଣରେ ୫୧ ପ୍ରତିଶତ ବୃଦ୍ଧି ଘଟି ଏହା ୩,୫.୬୩୫ ୟୁନିଟ୍‌ରେ ପହଞ୍ଚିବା ଅନ୍ୟ ଏକ ଉଲ୍ଲେଖନୀୟ ଘଟଣା । ପୁନଶ୍ଚ, ଲଗାତର ସପ୍ତମ ବର୍ଷ ପାଇଁ ସେନ୍‌ସେକ୍ସ ଏବଂ ନିଫ୍‌ଟିର ପ୍ରଦର୍ଶନ କ୍ଷେତ୍ରରେ ଉନ୍ନତି ଦେଖା ଦେବା ସହିତ ଏଗୁଡ଼ିକ ଏସିଆ ମହାଦେଶର ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ବିଶାଳ ଅନ୍ତର ସହିତ ପଛରେ ପକାଇ ଦେଇଛନ୍ତି । ଏକ ଯୁବ ବର୍ଗଙ୍କ ଦେଶ ଭାବରେ ବିଶ୍ୱରେ ସମ୍ପ୍ରତି ପରିଚିତ ହେଉଥିବା ଭାରତ ପାଇଁ ଏହି ସମସ୍ୟାର ସମାଧାନ କରାଯିବା ନିତାନ୍ତ ଜରୁରୀ, ଅନ୍ୟଥା ବେକାର ଯୁବ ବର୍ଗ ଦେଶ ପାଇଁ ସମ୍ପଦ ପରିବର୍ତ୍ତେ ବିପଦର କାରଣ ପାଲଟି ପାରନ୍ତି ।

ଆଦର୍ଶନିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ : ରାଜକିଶୋର ନାୟକ

ନିରାକାର ଦାସ

ପ୍ରେମ ଓ କରୁଣାର ଅନବଦ୍ୟ ବ୍ୟକ୍ତିତ୍ୱ, ନୀତିନିଷ୍ଠ ସମାଜ ସଂସ୍କାରକ, ଆଦର୍ଶ ଶିକ୍ଷାବିତ, ପାଟକୁରା ଗାନ୍ଧି, ମହାନ୍‌ସର୍ବୋଦୟ ନେତା, ପ୍ରାକ୍ତନ ବିଧାୟକ ସ୍ୱର୍ଗତଃ ରାଜକିଶୋର ନାୟକଙ୍କର ଆଜି ୧୩ତମ ଶ୍ରାଦ୍ଧ ବାର୍ଷିକ । ଆଜି ଯେତେବେଳେ ଝରିଆଡ଼େ ସଂସ୍କୃତିର ଅବକ୍ଷୟ ଓ ମାନବିକ ମୂଲ୍ୟବୋଧର ପତନ ହୋଇଝଲିଛି, ରାଜନୀତିଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ସଂପଦ, ସାଂପ୍ରଦାୟିକତା, ଧର୍ମାନ୍ଧତା, କୁ-ସଂସ୍କାରର କଳାବାଦଲ ଆମ ସମାଜକୁ ଗ୍ରାସି ଝଲିଛି, ଠିକ୍ ଏହି ସମୟରେ ନୈତୀକ ମୂଲ୍ୟବୋଧର ପ୍ରତୀକ, ମହାନ୍‌ଗାନ୍ଧୀ ପ୍ରାଣ ସନ୍ତୁ ରାଜକିଶୋର ନାୟକଙ୍କ ଜୀବନଚର୍ଯ୍ୟାର ଚର୍ଚ୍ଚା ଆଲୋଚନାର ପ୍ରାସଂଗିକତା ରହିଛି । ତାଙ୍କ ମଣିଷ ପଣିଆର ମହକ ଓଡ଼ିଶାର ଚତୁଃର୍ଦ୍ଦିଗରେ ପ୍ରସାରିତ ହେବାର ଆବଶ୍ୟକତା ରହିଛି ।

ଏହି କ୍ରାନ୍ତିକାରୀ କର୍ମବୀର, ଗାନ୍ଧିଚିନ୍ତନର ମୁଗ୍ଧପ୍ରେମିକ, ବିଜୁବାବୁଙ୍କ ପ୍ରିୟମଣିଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ରାଜକିଶୋର ୧୨ ନଭେମ୍ବର ୧୯୨୫ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାର ଅରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ତାଙ୍କ ଭିତରେ ଥିଲା ପ୍ରଚଣ୍ଡ ଦେଶ ପ୍ରେମ ଭାବନା, ଗରୀବ ଓ ଦୁଃଖୀ ମଣିଷଙ୍କ ପ୍ରତି ସମବେଦନା ଓ ପରିପୂର୍ଣ୍ଣ ପ୍ରକୃତି ପ୍ରତିବିମଳ ଆଗ୍ରହ । ସେଇଥି ପାଇଁ କଟକରେ ପଢୁଥିବା ବେଳେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଅଭିଭକ୍ତ କଟକ ଜିଲ୍ଲାରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ମନ୍ତ୍ର ପ୍ରଚାର କରିଥିଲେ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଯଦୁମଣି ମଂଗରାଜ, ସଚ୍ଚିଦାନନ୍ଦ ମହାନ୍ତି, ବିରଜାରାୟ, ବାମନ ଚରଣ ପରିଡ଼ା, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀଙ୍କ ସହ ଜାତୀୟ ଆନ୍ଦୋଳନରେ କାମ କରିଛନ୍ତି ତରୁଣ ରାଜକିଶୋର । ଏଥି ପାଇଁ ଅଣ୍ଡର ଗ୍ରାଉଣ୍ଡରେ ବି ତାଙ୍କୁ ରହିବାକୁ ପଡ଼ିଛି ଓ ବହୁ ଦୁଃଖକଷ୍ଟ ସହିବାକୁ ପଡ଼ିଛି । ଦେଶ ସ୍ୱାଧୀନତା ପରେ ଶିକ୍ଷକତା ଗ୍ରହଣକରି ୧୯୫୨ ମସିହାରେ ଖଣ୍ଡସାହି ରାମରାଜ୍ୟ ବିଦ୍ୟାପୀଠର ସଚ୍ଚିଦାନନ୍ଦ ମିଶ୍ର, ନେମ୍ବରା ମଧୁ ସାଗର ବିଦ୍ୟାପୀଠର ଚିନ୍ତାମଣି ସ୍ୱାଇଁ ଓ କରିଲୋ ପାଟଣା ଜୟରାମ ହାଇସ୍କୁଲର ପୀତାମ୍ବର ପ୍ରଧାନଙ୍କୁ ସାଥି କରି ଶିକ୍ଷାରେ ସଂସ୍କାର, ସଂସ୍କୃତି ଓ ଆଦରଣୀୟ ତାକୁ ଅଧିକ କ୍ରିୟାଶିଳ କରିବାକୁ ଏକ ଅଭିଯାନ ଆରମ୍ଭ କରିଥିଲେ । ସେବୃତ୍ତି ଗତ ଶିକ୍ଷକ ଭାବେ ସୀମିତ ନଥିଲେ । ସେ ଥିଲେ ଗୁରୁଦେବ ଆଚାର୍ଯ୍ୟ ଦେବ । ଯେଉଁଠି ଯେଉଁଠି ସେ ଶିକ୍ଷକତା କରୁଥିଲେ, ସେଠାରେ ସେ ନିଜର ସେବା ସାଧନା, ସଂପ୍ରୀତି ଓ ସଦ୍‌ଭାବନାର ସ୍ନିଗ୍ଧ ଆଲୋକରେ ସମସ୍ତଙ୍କୁ ଆପଣାର କରି ନେଉଥିଲେ । ଏହି ମହାନ୍ ଯୋଗୀ ଶିକ୍ଷାବିତ୍ ୧୯୬୬ ମସିହା ଅକ୍ଟୋବର ପହିଲା ଦିନ ବିଜୁ ବାବୁଙ୍କ ଅନୁରୋଧ କ୍ରମେ ସରକାରୀ ଶିକ୍ଷକ ପଦବୀରୁ ଇସ୍ତଫା ଦେଇ ନିଜକୁ ଜନସେବା ଓ ରାଜନୀତିରେ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ କାଳରେ ଓ ପରେ ସନ୍ତୁ ବିନୋବାଭାବେଙ୍କ ଭୂଦାନ ଓ ସର୍ବୋଦୟ ଆନ୍ଦୋଳନ ସମୟରେ ତାଙ୍କର ଉତ୍ସର୍ଗୀକୃତ ଭୂମିକାକୁ ସମସ୍ତେ ଜାଣିଥିଲେ । ବନ୍ୟାବାତ୍ୟା ଆଦି କରାଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ଯେପରି ଭାବରେ ଦୁର୍ଗତଙ୍କ ପାଖରେ ପହଞ୍ଚିସେବାରେ ନିଜକୁ ନିମଗ୍ନ କରି ଦେଉଥିଲେ । ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଝଲିଝଲି ଯାଇ ବିନା ଯୌତୁକ, ବିନା ବାଣ ରୋଷଣୀରେ ବିବାହ କରି ସେତେବେଳେ ସେ ସମାଜ ସଂସ୍କାରର ଏକ ନିଆରା ଅନୁଭବ କରାଇଥିଲେ । ସଂପୂର୍ଣ୍ଣ ନୀତିନିଷ୍ଠ, ସଚ୍ଚୋଟ, ନିଷ୍କପଟ ମଣିଷ ଏହି ତ୍ୟାଗୀପୁରୁଷ ବିବାହ କଲେ ବି ଜଣେ ସନ୍ନ୍ୟାସୀ ଭଳି ଜୀବନ ଯାପନ କରୁଥିଲେ । ନିଜେ ନ ଖାଇ ଅନ୍ୟକୁ ଦାନ କରିବା, ପାଠ ପଢ଼ିବାକୁ ଝହୁଁଥିବା ମେଧାବୀ ଛାତ୍ରଙ୍କୁ ଅର୍ଥଦାନ କରି ପାଠ ପଢ଼େଇବା, ସମାଜରେ ଥିବା ଜାତିଭେଦ, କୁ-ସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢ଼ିବା ସହ ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ତାକୁ ପାଳନ କରିସେ ପାଟକୁରା ବାସୀଙ୍କ ନିକଟରେ ଜଣେ ସିଦ୍ଧ ପୁରୁଷ ଭାବେ ଉଭା ହୋଇଥିଲେ । ଝକିରୀରୁ ଇସ୍ତଫା ଦେବା ପରେ ତାଙ୍କୁ ଦାରୁଣ ଦୁଃସ୍ଥିତି ମଧ୍ୟରେ କଳାତିପାତ କରିବାକୁ ପଡୁଥିଲା । ଦାରିଦ୍ର୍ୟତା, ଦୁଃଖ, ଦୈନ୍ୟ, ଅଭାବ ଅସୁବିଧା ତାଙ୍କୁ କେବେ ବି ବିଚଳିତ କରୁନଥିଲା । ଜଣେ ସ୍ଥିତପ୍ରାଜ୍ଞ ସନ୍ନ୍ୟାସୀ ପରିସେ ନିଜକୁ ସମାଜ ସେବାରେ ଓ ପାଟକୁରାବାସୀଙ୍କ ସେବାରେ ନିୟୋଜିତ କରି ରଖୁଥିଲେ । ନିଜ ପତ୍ନୀଙ୍କର ଗହଣା ବିକି ଜଣେ ଇଂଜିନିୟରିଂ ଛାତ୍ରକୁ ପାଠ ପଢ଼ାଇବା ଭଳି ବହୁ ନଜିର ସେ ଛାଡ଼ି ଯାଇଛନ୍ତି । ଏହି ଗାନ୍ଧିମଣିଷ, ୧୯୪୩ ମସିହାରେ ଅସୁରେଶ୍ୱରଠାରେ ଆରମ୍ଭ ହୋଇଥିବା ଗୋରକ୍ଷଣୀରେ ଅକର୍ମଣ୍ୟ ଓ ରୁଗ୍‌ଣ ହଡ଼ା ବୁଢ଼ା ଗୋରୁ, ଗାଈଙ୍କ ସେବାରେ ନିଜକୁ ନିମଗ୍ନ କରିଥିଲେ । ଗାଁ ଗାଁରୁ ମୁଠି ଝଉଳ ସଂଗ୍ରହ କରି ଗୋରକ୍ଷଣୀକୁ ଚଳାଇଥିଲେ । ପିଲାବେଳୁ ପଶୁ, ପକ୍ଷୀଙ୍କ ଓ ପରିବେଶ ପ୍ରତି ଥିବା ଦୟାଭାବ ତାଙ୍କୁ ଗୋରୁଗାଈଙ୍କ ସେବା ପାଇଁ ପ୍ରେରିତ କରିଥିଲା । ତାଙ୍କ ଅନନ୍ୟ ଦୟା ଓ କରୁଣା ଭାବ ଦେଖି ପାଟକୁରାବାସୀ ସମସ୍ତ ସହଯୋଗର ହାତ ବଢ଼ାଇଥିଲେ । ଆଜିତାଙ୍କ ଅବର୍ତ୍ତମାନରେ ତାଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ ପୁତ୍ର ଅତନୁ ସବ୍ୟସାଚୀ ନାୟକ ଏହି ଗୋରକ୍ଷଣୀକୁ ଏକ ଆଦର୍ଶ ପୀଠରେ ପରିଣତ କରିବା ସହ ତାଙ୍କ ଆଦର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରି ଝଲିଛନ୍ତି ।

ଗାନ୍ଧି ଯୁଗର ଏହି ଶେଷସନ୍ତୁ ଜୀବନରେ ଜାମା କେବେ ପିନ୍ଧି ନାହାନ୍ତି । ହାତକଟାସୂତାର ଖଦଡ଼ ପିନ୍ଧୁଥିବା ରାଜକିଶୋର ସତୁରୀ ଦଶକର ଶେଷ ଭାଗରେ ଜନତା ସରକାର ଶାସନ କାଳରେ ଓଡ଼ିଶା ଖଦୀ ବୋର୍ଡ଼ର ଅଧ୍ୟକ୍ଷ ଏବଂ ଏହା ପୂର୍ବରୁ ଦୁଇଥର ପାଟକୁରାର ବିଧାୟକ ହୋଇଥିଲେ । ଗାଈ, ଗୋରୁଙ୍କ ସେବା ଓ ପରିବେଶ ସୁରକ୍ଷା ପାଇଁ ତାଙ୍କ ଉଦ୍ୟମ ନିମନ୍ତେ ପ୍ରଖ୍ୟାତ ପର୍ଯ୍ୟାବରଣବିତ୍ ମେନକା ଗାନ୍ଧିଙ୍କ ସୁପାରିଶ୍‌ରେ 'ପିପୁଲସ୍ ଫର୍ ଆନିମଲ୍' ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜକିଶୋରଙ୍କୁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାରରେ ସମ୍ମାନିତ କରିଥିଲେ । ରାଜନୀତିରେ ରାଜର୍ଷି ଭାବେ ପରିଚିତ ଏହି ମହାନ୍‌ନେତା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାରେ ବିଭିନ୍ନ ସରକାରୀ କାର୍ଯ୍ୟ କରିବା ପାଇଁ ଅଫିସ୍‌ରୁ ଅଫିସ୍ ଝଲିଝଲି ଯାଉଥିଲେ, ଯେତେବେଳେ ନବ ନିର୍ବାଚିତ ବିଧାୟକମାନେ ଫିଆଟ କାର୍‌ରେ ଆସୁଥିଲେ । ରାଜୁବାବୁ ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ଭାବେ ବି.ଡି.ଓ.ଙ୍କ ଜିପ୍‌ରେ ଆସିଥା'ନ୍ତି ଏବଂ ବସ୍‌ରେ ଭୁବନେଶ୍ୱର ଯିବା ଆସିବା କରିଥା'ନ୍ତି । ଦିନକର କଥା ଖଦୀ ବୋର୍ଡ଼ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥା'ନ୍ତି ସେ । ଖୁସିରେ ମିଠା ଆଣିବାକୁ ତାଙ୍କ ଶଳା, ପୁତ୍ର ଅତନୁକୁ ଧରି ତାଙ୍କ ସରକାରୀ ଗାଡ଼ିରେ ମାର୍କେଟ୍ ଝଲିଗଲେ । ରାଜୁବାବୁ ଏକଥା ଜାଣିଲା ପରେ ପ୍ରଚଣ୍ଡ ଉଗ୍ରରୂପ ଧାରଣ କରି ଗାଳି କରିଥିଲେ । ସେ କୁହନ୍ତି 'ସରକାରଙ୍କ ଅର୍ଥ ହେଉଛି ଦେଶର ଅର୍ଥ, ସାଧାରଣ ଜନତାଙ୍କ ଅର୍ଥ । ବ୍ୟକ୍ତିଗତ କାର୍ଯ୍ୟରେ ଟଙ୍କାଟିଏ ହେଲେ ବି ତାକୁ ଖର୍ଚ୍ଚ କଲେ ଅପରାଧ ହୋଇଥାଏ ।' ଏତେ ଏତେ ବଡ଼ ବଡ଼ ପଦ ପଦବୀର ମୋହ ତାଙ୍କୁ ସ୍ପର୍ଶକରି ନଥିଲା । ବିଳାସ-ବ୍ୟସନ, ଭୋଗବାଦରୁ ବହୁଦୂରରେ ରହି ସେ ନିଜକୁ ମହାତ୍ମାଗାନ୍ଧି ଓ ବିନୋବାଭାବେଙ୍କ ଦର୍ଶନରେ ନିଜ ଜୀବନ ଚର୍ଯ୍ୟାକୁ ପରିଚାଳନା କରୁଥିଲେ । 'ସ୍ୱେଚ୍ଛାରେ ଦାରିଦ୍ର୍ୟ ବରଣ କରିବା' ମହାତ୍ମାଗାନ୍ଧିଙ୍କ ଏହି ଉକ୍ତିକୁ ଓଡ଼ିଶାରେ ରାଜକିଶୋର ନାୟକ ତାଙ୍କ ଜୀବନରେ ପ୍ରୟୋଗ କରି ଦେଖାଇ ଦେଇଥିଲେ । ମାଟି ପାଇଁ ନିବେଦିତ, ଦରିଦ୍ର ମଣିଷଙ୍କ ପାଇଁ ଉତ୍ସର୍ଗୀକୃତ ଏହି ଶୁଦ୍ଧପୂତ ଯୋଗୀ ମଣିଷ ୨୦୧୦ ମସିହା ଜାନୁୟାରୀ-୪ରେ ଇହଧାମ ତ୍ୟାଗ କରିଥିଲେ । ଭୋଗ ବିଳାସ, ପ୍ରାଚୁର୍ଯ୍ୟରେ ବୁଡ଼ି ରହିଥିବା ଆଜିର ଜନନେତାଙ୍କ ପାଇଁ ରାଜକିଶୋର ନାୟକ ଏକ ଆହ୍ୱାନ୍ । ତାଙ୍କ ଜୀବନ ଚର୍ଯ୍ୟା, ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା ଓ ମୂଲ୍ୟବୋଧ ଭିତ୍ତିକ ଚିନ୍ତା ଚେତନା ଆମକୁ ପ୍ରେରଣା ଯୋଗାଇବା ସହ ଏକ ସୁସ୍ଥସମାଜ ଗଠନରେ ସହାୟକ ହୋଇ ପାରିବ ।

'J/୨, ରେଳକୁଞ୍ଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ : ୯୪୩୭୦୧୩୧୩୯

ପରମହଂସ ଯୋଗାନନ୍ଦ

ଶରତ କୁମାର ସାହୁ

ବିଦେଶୀମାନଙ୍କୁ ଭାରତୀୟ ଧର୍ମ ସଂସ୍କୃତି ପ୍ରତି ଆଗ୍ରହୀ କରାଇଥିବା ଏବଂ ଶିକ୍ଷାକୁ ଆଧ୍ୟାତ୍ମିକତା ସହ ଯୋଡ଼ିଥିବା ବିଶ୍ୱ ପ୍ରସିଦ୍ଧ ଯୋଗ ଗୁରୁମାନଙ୍କ ମଧ୍ୟରେ ପରମହଂସ ଯୋଗାନନ୍ଦ ଅନ୍ୟତମ । ତାଙ୍କ ପିତୃଦତ୍ତ ନାମ ମୁକୁନ୍ଦ ଲାଲ ଘୋଷ । ଅଟୋବାୟୋଗ୍ରାଫି ଅଫ୍ ଏ ଯୋଗୀ ତାଙ୍କ ଲିଖିତ ପ୍ରସିଦ୍ଧ ଆତ୍ମଚରିତ । ଏହା ମାଧ୍ୟମରେ ସେ ଧ୍ୟାନ ଓ କ୍ରିୟାଯୋଗକୁ ଲୋକପ୍ରିୟ କରାଇଥିଲେ । ୧୯୪୬ ମସିହାରେ ଏହି ପୁସ୍ତକ ପ୍ରକାଶିତ ହେବା ପରଠାରୁ ଅଦ୍ୟାବଧି ଚଉତିରିଶଟି ଭାଷାକୁ ଅନୁଦିତ ହୋଇସାରିଲାଣି । ଏହା ବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ଶହେ ଧର୍ମ ସମ୍ବନ୍ଧୀୟ ପୁସ୍ତକ ତାଲିକା ଅନ୍ତର୍ଭୁକ୍ତ । ଏହା ବିଶ୍ୱର ନିୟୁତାଧିକ ମଣିଷଙ୍କ ଜୀବନକୁ ପରିବର୍ତ୍ତିତ କରିଥିବା ବିଶ୍ୱାସ କରାଯାଏ । ଆପଲ୍ ଇଙ୍କର ସହ ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଷ୍ଟିଭ୍ ଜବ୍‌ସ ଏହା ଦ୍ୱାରା ପ୍ରଭାବିତ ହୋଇଥିବା ଏକଦା କହିଥିଲେ । ଅଦ୍ୟାବଧି ଏହାର ଚାଳିଶ ଲକ୍ଷ ଖଣ୍ଡ ବିକ୍ରି ସରିଛି । ମାର୍କିନ୍ ସନ୍ତୁ ଓ ଉଦ୍ଭିଦ ବିଜ୍ଞାନୀ ଲୁଥର୍ ବର୍‌ବ୍ୟାଙ୍କଙ୍କୁ ବହିଟି ଉତ୍ସର୍ଜିତ । ଯୋଗାନନ୍ଦ ଶୈଶବରୁ ଆଧ୍ୟାତ୍ମିକ ଥିଲେ । ସେ ଖେଳିବା ବୟସରେ ମନକୁ ଉଠୁଥିବା ବିଭିନ୍ନ ଧାର୍ମିକ ଆଧ୍ୟାତ୍ମିକ ପ୍ରଶ୍ନର ଉତ୍ତର ଖୋଜି ବୁଲୁଥିଲେ । ସ୍ୱାମୀ ଯୁକ୍ତେଶ୍ୱର ଗିରିଙ୍କୁ ଭେଟିବା ପରେ ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରିବା ନିମନ୍ତେ ପଥ ପ୍ରଦର୍ଶକ ଅନ୍ୱେଷଣର ଅନ୍ତ ଘଟିଥିଲା । ସେତେବେଳେ ତାଙ୍କୁ ମାତ୍ର ସତର

ଆଦ୍ୟାଶା ମହାପାତ୍ର

ପେଟୁ

'ପେଟୁ' ଡାକ ସହିତ ମୁଁ ପିଲାଦିନୁ ପରିଚିତ। ଏଇ ନାଁ ରେ ନାନୀ ମୋତେ ଚିଡାଏ। ପିଲାବେଳେ ମୁଁ ଏଥିପାଇଁ ଖୁବ୍ ରାଗେ। ହେଲେ କିଛି କହି ପାରେନା। ଥରେ ଅଧେ ମୁଁ କ୍ରୋଧ ବଶତଃ ତାକୁ 'ପେଟି' ବୋଲି କହି ଚିଡେଇବାକୁ ଚେଷ୍ଟା କରେ ବୋଲି ମୋର ମନେ ଅଛି। ହେଲେ ସେ ନ ରାଗି ସେମିତି ହସୁଥାଏ। ଉପରକୁ ଆହୁରି ବୋଉ ମୋତେ ଗାଳି ଦେଇ କହେ -' ବଡ଼ ଭଉଣୀ କୁ ସେମିତି କହନ୍ତି ?' ମୁଁ ସେତେବେଳେ ଚୁପ୍ ହୋଇ ଯିବାକୁ ବାଧ ହୁଏ।

ପିଲାଦିନେ ମୋର ଖୁବ୍ ଡଉଲ ଡାଉଲ ସ୍ୱାସ୍ଥ୍ୟ ଥିଲା ବୋଲି ମୁଁ ଶୁଣିଛି । ମୋ ଉପର ବଡଭାଇ ଏବଂ ନାନୀ ଉଭୟ ପିଲାଦିନେ କିନ୍ତୁ ରୋଗୀଣା ଥିଲେ। ମୋତେ ନାନୀ ସେଇଥିପାଇଁ ପେଟୁ ବୋଲି ଡାକେ କିମ୍ୱା ମୁଁ ସତକୁ ସତ ପ୍ରବଳ ଖାଉଥିଲି ମୋର ଠିକ୍ ମନେ ନାହିଁ। କେତେ ଖାଇଲେ ମୋତେ ପେଟୁ କୁହାଯିବ ସେ ସବୁ ଜ୍ଞାନ ମୋ ପାଖରେ ନଥିଲା ବୋଧହୁଏ। ହଁ, ଏତିକି ମନେ ଅଛି, ବୋଉ ମୋତେ ଚକୁଳି ପିଠା ଦୁଇ ତିନିଟା ଦେଲା ପରେ ବି କେବେ କେବେ ପଚାରେ - 'ଆଉ ଗୋଟିଏ ପତଳା ଚକୁଳି ଖାଇବୁ ?' ମୁଁ ସବୁବେଳେ ନୀରବ ରହି ସମ୍ମତି ଜଣାଏ । ପିଠା ସହିତ କେବେ ଧଣିଆ ପତ୍ର, ପିଆଜ, ସୋରିଷ ତେଲର ପାଗ କିମ୍ୱା କେବେ ବଡିଚୁରା ପାଣି। ହେଲେ ଏଇ ସବୁ ପାଗଯୋଗ ନାନୀ ହିଁ ମୋତେ କରି ଖାଇବାକୁ ଦିଏ ।

ହେଲେ ମୁଁ ହାଇସ୍କୁଲ ଯିବା ପୂର୍ବରୁ ନାନୀର ବାହାଘର ଠିକ୍ କରି ଦେଇଥିଲେ ମାମୁ। ହାଇସ୍କୁଲ ପରେ ଆଉ ଆଗକୁ ଝିଅ ମାନେ ପଢିବାର ଆବଶ୍ୟକତା ନାହିଁ ବୋଲି ମାମୁଙ୍କ କଥାରେ ଏକମତ ହୋଇ ଯାଇଥିଲେ କଲିକତାରେ ଚାକିରୀ କରୁଥିବା ବାପା। ନାନୀର କନ୍ୟାକଟା ସବୁ ନିରର୍ଥକ ଥିଲା। ନାନୀ ଶାଶୁଘର ଯିବା ପରେ ତା ମୁହଁରୁ 'ପେଟୁ' ଡାକ ଆଉ ମୋତେ ଶୁଭୁନଥିଲା।ତା ଶାଶୁଘରେ ମୋର ଅସଲି ଡାକ ନାଁ 'ବିଭୁ' ବୋଲି ସେ ମୋତେ ଡାକୁଥିଲା।

କେତେ ବର୍ଷ ପରେ ଭାଇନାଙ୍କ ସାଙ୍ଗରେ ନାନୀ ଯାଇ ଭୁବନେଶ୍ୱରରେ ରହିଲା। କେବେ କେବେ ତା ପାଖକୁ ଗଲେ ମୁଁ ଭଲପାଉଥିବା ଭେଣ୍ଡି ବେସର , ଦହି ବାଇଗଣ ଅବା ଆଉ କିଛି ନାନୀ ନିଶ୍ଚୟ ରୋଷେଇ କରି ପରଷୁଥିଲା। ଖିରି ତ କେବେ କରିବାକୁ ଭୁଲୁ ନଥିଲା। ସେସବୁକୁ ମୁଁ ମହାତୃପ୍ତିରେ ଖାଇ ଥାଳି ଗିନା ସବୁ ସଫା କରି ଦେଉଥିଲି ସବୁଥର। ନାନୀ ମୋତେ ପେଟୁ ବୋଲି କହେନା ସିନା, ମୁଁ କିନ୍ତୁ ବେଳେ ବେଳେ ଭାବେ ନାନୀର ସେ ଡାକକୁ ନିଜେ ମୁଁ ହିଁ ପ୍ରତିପାଦିତ କରୁଛି। କୌଣସି କାରଣରୁ ଯଦି ମୁଁ କେବେ କିଛି କମ୍ ଖାଏ ନାନୀ ଭାରି ବ୍ୟସ୍ତ ହୋଇପଡେ। ତରତର ହୋଇ ପାମ୍ପଡ ଦୁଇଟା ଭାଜି ଦେବ ବା ବାଇଗଣଟିଏ କିମ୍ୱା ଟମାଟୋଟିଏ ପୋଡିବସେ ମୋତେ ଟିକେ ବସିବାକୁ କହି। ଯେତେ କହିଲେ ବି ସେ ଶୁଣିବନି। ତେଣୁ ତାକୁ ଖୁସି କରିବାକୁ ବେଳେ ବେଳେ ଇଚ୍ଛା ନଥାଇ ବି ମୁଁ କିଛି ଅଧିକ ଖାଏ।

ଥରେ ଏମିତି ବ୍ରହ୍ମପୁରରୁ କାମ ସାରି ନାନୀ ପାଖରେ ପହଞ୍ଚିଲା ବେଳକୁ ଟ୍ରେନ୍ ଲେଟ୍ ଯୋଗୁଁ ପ୍ରାୟ ଅପରାହ୍ନ ଚାରିଟା ବାଜି ଯାଇଥିଲା। ମୁଁ ବାଟରେ ଜଳଖିଆ କରିଦେଇ ନାନୀ ପାଖରେ ପହଞ୍ଚିଲି । ତା' ପାଇଁ ଆଣିଥିବା ଶାଢୀ ଦେଇ କଟକ ବାହାରିଲା ବେଳକୁ ସେ ମୋତେ ଅଟକାଇ ଖାଇସାରି ଯିବାକୁ ବାଧ କଲା। ମୁଁ ଖାଇଛି ଏବଂ ଭୋକ ନାହିଁ ବୋଲି କହିଲେ ବି ସେ ଶୁଣିବାକୁ ନାରାଜ। -'ପେଟୁ, ମୋତେ ମିଛ କହୁଚୁ ! ତୋ ମୁହଁ ଦେଖିଲେ ପରି ଜଣାଯିବ ତୁ ଖାଇଚୁ କି ନାହିଁ।' ବହୁଦିନ ପରେ ନାନୀର ଏଇ 'ପେଟୁ' ସମ୍ବୋଧନ ମୋତେ ବିମୋହିତ କରିଥିଲା।

ମୋର ବୟସ ବଢିଲା ବେଳକୁ ଆଉ ଆଗ ପରି ଖାଇ ପାରେନା। ହେଲେ ନାନୀ ମୋତେ ବିଶ୍ୱାସ କରେନା । ଅଭିମାନ କରି କହିବ -' କହିବୁ ତ ତରକାରୀ ଆଜି ଭଲ ଲାଗୁନି ବୋଲି 'କିମ୍ୱା' ଚାକିରି କଲୁଣି ତ! ସ୍ୱାଦ ତୋର ବଦଳି ଗଲାଣି । ମୁଁ ମୁରୁକି ହସେ। ଏମିତି ଏମିତି ସମୟ ଗଡିଯାଇ ମୋତେ ପଇଁଚାଳିଶି ବର୍ଷ ହେଲାବେଳକୁ ନାନୀକୁ ତେପନ ବର୍ଷ। ହେଲେ ମୁଁ ନାନୀର ଗେହ୍ଲା ଭାଇ ହୋଇ ରହିଥିଲି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ନାନୀ ତ ପଡିଶା ମାନଙ୍କ ଆଗରେ -'ସେ ମୋ ଭାଇ ନୁହେଁ, ମୋ ପୁଅ' ବୋଲି କେତେ ଥର କହିଥାଏ।ଏ ସବୁ ଶୁଣି ମୋ ଛାତି ଖୁସିରେ କୁଣ୍ଢେମୋଟ ହୋଇଯାଏ।

ନାନୀ ଆଗଭଳି ଆଉ ବେଶୀ କଥାବାର୍ତ୍ତା ନକରିପାରିବା ଏବଂ ବହୁତ କିଛି ଭୁଲିଯିବା ଲକ୍ଷଣ ପ୍ରକାଶ ପାଇବାରୁ ଆମେ ବ୍ୟସ୍ତ ହୋଇ ପଡୁଥିଲା ବେଳେ ସେ କିନ୍ତୁ ଫାଙ୍କିବାକୁ ଚେଷ୍ଟା କରୁଥିଲା ଆମକୁ। ହେଲେ ମୁଁ ଡାକ୍ତର ଦେଖାଇ ସବୁ କଥା ଜାଣିବା ବେଳକୁ ବହୁତ ଡେରି ହୋଇ ଯାଇଥିଲା। ନାନୀର ବ୍ରେନ୍ ଟିମ୍ୟୁର ହୋଇଥିଲା ଏବଂ କ୍ୟାନ୍ସର ରୂପ ନେଇ ଥାର୍ଡ ଷ୍ଟେଜରେ ପହଞ୍ଚି ସାରିଥିଲା। ସେଦିନ ସକାଳ ଦଶଟାରୁ ପ୍ରାୟ ସନ୍ଧ୍ୟା ସାତଟା ପର୍ଯ୍ୟନ୍ତ ନାନୀ, ଭାଇନା ଆଉ ମୁଁ ହସପିଟାଲରେ କଟାଇ ରିପୋର୍ଟ ଧରି ଫେରିଲୁ। ଘରକୁ ଆସି ନାନୀ ନିଜେ ତ କିଛି ଖାଇଲା ନାହିଁ, ହେଲେ ମୋତେ କ'ଣ ଟିକେ ଖାଇବାକୁ ଦେବାକୁ ନାନୀ ଭାଇନାଙ୍କୁ ବାରମ୍ବାର ଠାରିକରି କହିବାକୁ ଚେଷ୍ଟା କରୁଥିଲା। ମନସ୍ତାପ ଆଉ ଦୁଃଖ ଭିତରେ କି କିଛି ଖାଇ ହୁଏ! ଭାଇନା ଆଉ ମୁଁ ଦୁଇ ଦୁଇ ପିସ୍ ପାଉଁରୁଟି ଧରି କ୍ଷୀରରେ ବୁଡାଇ ଖାଇବାକୁ ଚେଷ୍ଟା କଲୁ। ହେଲେ ନାନୀ ବୋଧହୁଏ ଭାବୁଥିଲା ତା'ର 'ପେଟୁ' ଭାଇ ଆଉ କିଛିଟା ଖାଇବା ଉଚିତ୍। ମୋତେ ବାରମ୍ବାର ଠାରୁଥାଏ ଆଉ ଦୁଇ ଖଣ୍ଡ ଖାଇବାକୁ। ଭାଇନାଙ୍କ ଆଡକୁ ବି ବିକଳ ହୋଇ ଚାହିଁଲା ସେ। ଇଚ୍ଛା ନଥିଲେ ବି ନାନୀ ଇଚ୍ଛା ବୁଝି ଆଉ ଦୁଇ ପିସ୍ ପାଉଁରୁଟି ଆଣି ଖାଇଲି। ପ୍ରାୟ ରାତି ଦଶଟା ବେଳକୁ ନାନୀର ପ୍ରବଳ ବାନ୍ତି ହେଲା। ଆଉ ତା'ପରକୁ ଶୋଇ ପଡିଲା। 'ଦିନସାରା ଉପବାସରେ ରହି ଗ୍ୟାସ୍ ହୋଇ ଯାଇଛି ନାନୀର। ସେଥିପାଇଁ ବାନ୍ତି ହେଲା' କହି ଭାଇନାଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲି ମୁଁ। ହେଲେ ସେଇ ରାତିରେ ନାନୀ ଯେ କୋମା ଷ୍ଟେଜକୁ ଚାଲି ଯାଇଛି, ଆମେ ବୁଝି ପାରିନଥିଲୁ।

ପରଦିନ ସକାଳୁ ସକାଳୁ ଡାକ୍ତରଙ୍କ ପରାମର୍ଶ କ୍ରମେ ନାନୀକୁ ହସ୍ପିଟାଲରେ ଭର୍ତ୍ତି କରାହେଲା। ଅପରେସନ ପରେ ବି ନାନୀ ଆଉ କୋମା ଷ୍ଟେଜରୁ ମୁକୁଳି ପାରିନଥିଲା। ତା'ପରଠୁ ତା'ର ସ୍ୱର୍ଗାରୋହଣ ଯାତ୍ରା ପର୍ଯ୍ୟନ୍ତ ମୁଁ କେବଳ ତା' ପାଖାପାଖି ରହିବାକୁ ଚେଷ୍ଟା କରିଛି ଯାହା। ଈଶ୍ୱରଙ୍କ ଇଚ୍ଛାରେ ବୋଧହୁଏ ଚାକିରୀରୁ ମୁଁ ସେତେବେଳକୁ ନିଲମ୍ବିତ ହୋଇ ନୂଆ କିଛି କରି ଜୀବିକା ଉପାର୍ଜନ କରିବାକୁ ଚେଷ୍ଟିତ ଥିଲି। ତେଣୁ ନାନୀ ପାଇଁ ସମୟ ଦେବାକୁ ଭଗବାନ ମୋତେ ଉଚିତ୍ ସୁଯୋଗ ପ୍ରଦାନ କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଜି ନାନୀର ସପ୍ତମ ମୃତ୍ୟୁବାର୍ଷିକୀ । ନାନୀ ଯେଉଁ ସବୁ ରୋଷେଇ କରି ମୋତେ ଖୁଆଏ, ସେ ସବୁ ଆଜି ମୋ ଥାଳି ପାଖରେ ଦେଖିଲି। ସ୍ୱତଃ ମୋ ଆଖିରେ ଲୁହ ଭରିଗଲା। -'ପେଟ ପୁରାଇ ଖୁସିରେ ଖାଅ। ନାନୀ ସ୍ୱର୍ଗରେ ଥାଇ ସବୁ ଦେଖୁଥିବେ। ତାଙ୍କ ପେଟୁ ଭାଇ ନଖାଇଲେ ସେ ମୋ ଉପରେ ଆଜି ରାଗିବେ ।' ହସି ହସି ମୋତେ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଥିଲେ ପତ୍ନୀ...!!!

+ନୂଆପଡା, କଟକ

ଆଜିର କବିତା

ବୁଢିଆଣୀ

ମାଙ୍ଗଳିକା ମହାପାତ୍ର

ଭଙ୍ଗାବାଡର ସେଇ ଶୁଖିଲା କଣିଟାରେ
ବୁଢିଆଣୀ ବୁଣି ଚାଲିଛି ତାର ଜାଲ
ଖାଦ୍ୟ ଅନ୍ୱେଷଣରେ...
ପବନ ଆସୁଥିବା ଦିଗକୁ ମୁହଁ କରି ବସିଛି
କେଉଁ ଶିଳ୍ପୀର କାରୁକାର୍ଯ୍ୟ ପରି
ଅତି ସୁନ୍ଦର ଓ ନିଖୁଣ ଭାବରେ...।

ବେଳେ ବେଳେ ଝଳକାଏ ପବନ
ଛିଡାଇ ଦେଉଛି ସେ ଜାଲକୁ
ତଥାପି ତାର ବିରକ୍ତ ଭାବ ନାହିଁ
ପୁଣି ବୁଣି ଚାଲିଛି ଆଗକୁ ଆଗକୁ...।

ବୁଢିଆଣୀ ସେ ସ୍ରଷ୍ଟାଙ୍କ ସୃଷ୍ଟିର
ଅତି କ୍ଷୁଦ୍ର ଜୀବଟିଏ
ବୁଝିଛି କିନ୍ତୁ ତାର କର୍ତ୍ତବ୍ୟ
ତୋଳିବାକୁ ନିଜସ୍ୱ ଘରଟିଏ...।

ଦେଖ ସେ ବୁଢିଆଣୀକୁ
କ୍ଷୁଦ୍ରଜୀବ ହେଲେ ମଧ୍ୟ
ସାଜିଛି ମନୁଷ୍ୟର ପଥ ପ୍ରଦର୍ଶକ
ଥକି ଯାଉନି ସେ, ରହି ଯାଉନି ସେ
ବାରମ୍ବାର ଘର ଛିଡିଗଲେ ମଧ୍ୟ
ଗଢି ଚାଲିଛି ନ ସାଜି ନୀରବ ଦର୍ଶକ...।

+ରେଭେନସା ବିଶ୍ୱବିଦ୍ୟାଳୟ

ଚନ୍ଦ୍ରାତପ

ସୁଷମା ପରିଜା

ଏକଲା ସଞ୍ଚରେ ଚନ୍ଦ୍ରାତପ ତଳେ
ଯଦି କେବେ ମୁଁ ବସେ
ଦୂର ଦିଗବଳୟ ସେପାରିରୁ ପୂର୍ବ
ସ୍ମୃତି ସବୁ ଭାସିଆସେ ।। ଘୋଷା।
ଆଖିରେ ଥିଲା ମୋ' ସ୍ୱପ୍ନ ଅସୁମାରି,
ରାଜା ପୁଅ ପକ୍ଷୀରାଜ ଘୋଡା ଚଢି
ନେଇଯିବ ଦିନେ ମୋ'ର ହାତ ଧରି
ଅଜଣା ସେ କେଉଁ ଦେଶୋ। ଏକଲା ସଞ୍ଚରେ...
ସାତ ସମୁଦ୍ର ଓ ତେର ନଈ ଡେଇଁ
ପରୀରାଇଜର ରାଣୀ ହେବି ମୁହିଁ
ସରଗର ସୁଖ ସବୁ ଭୋଗିନେବି
ଦିନ ବଞ୍ଚିବି ହରଷେ ।। ଏକଲା ସଞ୍ଚରେ...
ବୁଝିଲି ମୁଁ ଯେବେ ନିଛକ ସତ୍ୟତା
ବାପା ମାଆଙ୍କର ଯେତେ ବିବଶତା
ସପନ ଭାଙ୍ଗିଲା ଏକା ଝଟକାରେ
ମଥା ନୁଆଁଇଲି ଶେଷେ ।। ଏକଲା ସଞ୍ଚରେ...
ଛନ୍ଦି ହୋଇଗଲି ମିଛ ସଂସାରରେ
ଭାତ, ଲୁଗା, ଘର, ସନ୍ତାନ ଜଞ୍ଜାଳେ
ଆଖିର ଲୁହକୁ ଓଠରେ ପିଇକି
ମିଛ ସୁଖ ହସ ହସେ ।। ଏକଲା ସଞ୍ଚରେ...
ଝିଅର ଭାଗ୍ୟରେ ଦୁଃଖ କାଳେ କାଳେ
ସଳିତାଟିଏ ହୋଇ ନିତି ସିଏ ଜଳେ
ଆଲୋକିତ କରି ସାରା ସଂସାରକୁ
ନିଜକୁ ହଜାଇ ବସେ ।। ଏକଲା ସଞ୍ଚରେ...

+ନୂଆବଜାର କଟକ
ମୋ: ୯୩୩୭୨୭୨୬୪୭

ତୁ ସାଥି ମୋର

ମୋନାଲିସା ସାହୁ

କହିଦିଅ ଥରେ ସାଥି
ତୁମେ ଏକା ମୋର
ଶୁଣିବାକୁ ଚାହେଁ ମୋ ମନ
ତୁମ ଓଠେ ମୋ ନାମ ॥

କହିଦିଅ ଥରେ ସାଥି
ତୁମ ସାଥେ ଯୋଡ଼ା ଭାଗ୍ୟ
ମୋର
ରଖିବାକୁ ଚାହେଁ ସଦା
ତୁମ ହାତେ ମୋ ହାତ ॥

କହିଦିଅ ଥରେ ସାଥି
ତୁମ ତୃଷ୍ଣାର ମୁଁ ଏକା ନିବାରଣ ,
ଶୁଣିବାକୁ ଚାହେଁ ସ୍ପନ୍ଦନ ତୁମ
ତୁମ ଛାତିରେ ରଖି
ମଥାକୁ ମୋର
ପ୍ରିୟାଟିଏ ବୋଲି ॥

କହିଦିଅ ଥରେ ସାଥି
ତୁମ ପ୍ରେମରେ ମୁଁ ପାଗଳ ବନିଲି
ପ୍ରତିଶ୍ରୁତି ଚାହେଁ ଆଜୀବନ
ଆସିବେନି କେହି କେବେ
ତୁମ ଜୀବନ କାହାଣୀରେ ॥

ଜୁନାଗଡ,କଳାହାଣ୍ଡି

ସାଲିସ୍ କରେ ନାରୀଟିଏ

ମନୀଷା ପଣ୍ଡା (ରୁଚିରା)

ପାସୋରି ପକାଏ
ଆପଣା ସୁଖ ଅଭାବ ଦୁଃଖ
କେବେ ଲାଳନ ପାଳନ
କେତେବେଳେ ଜନ୍ମ ଆଉ
ବ୍ୟାଧି ଭିତରେ
ନିଜ ଭିନ୍ନ ଅନ୍ୟ ପାଇଁ ଖଟି ଖଟି
ଦେହ ଘୋରି ହେବା କଥା
ଯାହା,

ଏଇମିତି କ'ଣ
ଦୁନିଆଁ ର ନିୟମ ମାନି
ଯା'ର ଭାବନା ତା'ର
ନିଷ୍ପତ୍ତିକୁ ମାନିନେଇ
ଡରି ଡରି ପାଦ ଗଣି ଗଣି
ଚଳଣି ତା'ର,

ନିଶାପ ରେ କିଏ କ'ଣ
ଲୋଡେ ତା'କୁ ?
କେବେ କିଏ ସିଧାସଳଖେ
ପଚାରିଦେଲେ କୋଉକଥା
ହେଇ ! ଚଟ୍ କରି ଆପଣା
ତେନ୍ତୁଳିଆ
ବିଛା ଭଳି ଦରସିଆଁ ଲୁଗା
କାନିରୁ
ପୁଳାଏ କାମୁଡି ଧରି ପାଟିରେ
କବାଟ କଣକୁ ଆଉଜି ଯାଏ,
ଫାଳିକିଆ କବାଟ ସନ୍ଧିରୁ ଲୁଚି
ଜିଭଟାକୁ ନିଜ ଅକ୍ତିଆରରେ
ମାଡି ରଖେ କେଇଟା ଦାନ୍ତର
ପାଚେରୀ ଭିତରେ ॥

ଶିକ୍ଷୟିତ୍ରୀ
ଅଙ୍କରାନ୍ତିପୁର, ସିମିନଇ,

ଶୀତ ଆସିଛି

ଝରଣା ବାରିକ

ମୋରି ଗାଆଁ କୁ ଓହ୍ଲେଇ ଆସିଛି
କୁଆଁରୀ କନିଆଁ ଟିଏ
ଲାଜ ଭରା ଆଖି
ନଇଁ ଯାଏ ତାର
ସୁନ୍ଦରୀ ପ୍ରିୟାଟେ ସିଏ।

ଗଭାରେ ନାଇଚି ଫୁଲର ଗଜରା
ଅତର ହେଇଛି ବୋଳି,
କାନରେ ନାଇଛି
ସୁନା ପରି ଦିଶେ
ରଙ୍ଗ ବେରଙ୍ଗର କୋଳି।

ପନି ପରିବାରରେ
ସଜେଇ ଦେଇଛି
ପିନ୍ଧିଥିବା ତାର ଶାଢ଼ୀ,
ଚାଷୀଭାଇ ଲାଗି
ଧାନ କେରି କେରି
କ୍ଷେତରେ ଦେଇଛି ବାଢି।

ହାତରେ ପିନ୍ଧିଛି କାକର କଙ୍କଣ
ସତେ ଅବା ରୂପା ଝରି,
ତା ଆସିବା ଦେଖି ହସୁଛି
ଧରଣୀ
ହସୁଛି ମରତ ପୁରି ।

ଘନ କୁହୁଡିକୁ ସାଥିରେ ଆଣିଛି
ରାସ୍ତା ରେ ଯାଏ ସେ ଶୋଇ,
ପ୍ରକୋପ ତାହାର
କେବେ ଅମାନିଆ
ହୁଏ ନାହିଁ ପୁଣି ସହି।

ଛୁଇଁବ ବୋଲି ସେ
ମୋ ଘର ଆଗରେ
କେବେ ଠୁ ହୋଇଛି ଠିଆ,
ସୁଇଟର ସାଲ ସଜେଇ ରଖିଛି
ଘରେ ବି ଜାଳିଛି ନିଆଁ।

ଶୀତ ରାଣୀ ସିଏ ଭାରି
ଅଭିମାନୀ
ରୁଷି ଗଲା ମୁହଁ ମୋଡ଼ି,
ଆର ବରଷ କୁ ଆସିବ କହି କି
ଗଲା ଏ ଧରାକୁ ଛାଡି।

ସମଲ, ତାଳଚେର, ଅନୁଗୋଳ

ପରିବାର ବୋଝ ନୁହେଁ

ଶ୍ୱେତା ରାଉତ୍

ଜୀବନରେ ମଣିଷ ଯେତେ ସମ୍ପତ୍ତି ଅର୍ଜନ କରୁ, ଯଦି ତା ପାଖରେ ସମ୍ପର୍କ ନାହିଁ, ସେ ଏକା, ତେବେ ସେ ସମ୍ପତ୍ତି ଭୋଗ କରି ପାରିବନାହିଁ। ଯେତେ ବଡ କୋଟିପତି ହେଉନା କାହିଁକି ଏକା ଏକା ସେ ରାଜକୀୟ ପ୍ରାସାଦ ଭିତରେ ବି ଭୂତ ପରି ଘୁରି ବୁଲିବ। ଦାମୀ ସୋଫା, ଦାମୀ ଗାଡ଼ି, ଦାମୀ ଜିନିଷକୁ ଦେଖି ନା ସେ ଖୁସି ହୋଇ ପାରିବ ନା ଟଙ୍କା ଗାଦିରେ ଶୋଇଲେ ବି ତାକୁ ନିଦ ହେବ। ମଦ୍ୟପମାନେ ବି ଏକା ମଦ ପିଇବାରେ ଆନନ୍ଦ ନେଇ ପାରନ୍ତି ନାହିଁ। ସେମାନେ ଖୋଜୁଥାନ୍ତି କେମିତି ଦୁଇ ଚାରି ସାଙ୍ଗ ମିଳିଗଲେ ଖଟି ଜମିବ। ମିତ୍ର ହେଉ କି ଶତ୍ରୁ, ମଣିଷ ନିଜର ଆନନ୍ଦ ପାଇଁ ସବୁବେଳେ ଆଉଜଣଙ୍କ ଉପରେ ନିର୍ଭରଶୀଳ। କାହା ସହିତ ମିତ୍ରତାର ଭାବ ରଖିବାକୁ ବନ୍ଧୁଟିଏ ଲୋଡା ତ କାହା ସହିତ ପ୍ରତିଯୋଗିତା କରି ବା ଶତ୍ରୁଭାବ ରଖିବାକୁ ମଧ୍ୟ ବ୍ୟକ୍ତିଟିଏ ଲୋଡା।

ଥରେ ଭାବିଲେ ମହିଳାମାନେ ଭଲ ଶାଢ଼ୀ, ଗହଣା ପିନ୍ଧିବାକୁ କାହିଁକି ଭଲପାଆନ୍ତି ? କ୍ୱଚିତ ନିଜ ଖୁସି ପାଇଁ, ନହେଲେ ଅଧିକାଂଶ ମହିଳା ଅନ୍ୟ ମହିଳାଙ୍କୁ ଦେଖେଇବାକୁ 'ସିଏ ଏମିତି ପିନ୍ଧିଛି ମୁଁ ତା'ଠାରୁ ଆହୁରି ଭଲ ପିନ୍ଧିବି ସେ ଦେଖିବ। କେହି ଦେଖିବା ଲୋକ ନରହିଲେ ଭଲ ଦିଶିବା ବା ଭଲ ପିନ୍ଧିବାକୁ କାହିଁକି କିଏ ଇଚ୍ଛା କରିବ! ଆମେ ସେ ଦିଗକୁ ଯିବା ଉଚିତ୍ ନୁହେଁ,ଆମେ ସମ୍ପର୍କର କଥା କହିବା।

ଯେଉଁମାନେ ଭାବୁଛନ୍ତି ଯେ ପରିବାର ସେମାନଙ୍କ ପାଇଁ ବୋଝ ଓ ଏକା ରହିବାରେ ଆନନ୍ଦ ଅଛି, ଏହା ଆଦୌ ଭୁଲ ଧାରଣା। ପରିବାରର ଆନନ୍ଦଠୁ ବଳି ଏ ପୃଥିବୀରେ ଅଧିକ ଆନନ୍ଦ ମିଳିବା ସ୍ଥାନ ଆଉ କୋଉଠି ନାହିଁ। ମଣିଷ ଭ୍ରମରେ ପଡ଼ି ଯାହାକୁ ଆନନ୍ଦ ବୋଲି ଭାବେ, ତାହା ସ୍ୱଳ୍ପ ସମୟ ପାଇଁ କେବଳ ଏକ ଆତ୍ମସନ୍ତୋଷ। ନୂଆ ଘର, ନୂଆ ଗାଡି, ଯେକୌଣସି ନୂଆ ଜିନିଷ କିଛି ଦିନ ପାଇଁ ମନକୁ ଆନନ୍ଦ ଦିଏ, ନୂଆ ସ୍ଥାନ ଭ୍ରମଣ କଲେ କିଛି ଦିନ ପାଇଁ ମନ ହାଲୁକା ଲାଗେ, ଉଚ୍ଚ ପଦ ପଦବୀରେ ରହିଲେ କିଛି ଲୋକଙ୍କଠୁ ସମ୍ମାନ ମିଳେ, ବହୁତ ରୋଜଗାର ଥିଲେ ଆମର ସବୁ ଆବଶ୍ୟକତା ପୂରଣ ହୋଇପାରେ, ବହୁ ପ୍ରତିଭାରେ ସମ୍ମାନିତ ହେବା ଆମକୁ ଗୌରବ ଦେଇପାରେ, କିନ୍ତୁ ଏସବୁ ଆତ୍ମିକ ଆନନ୍ଦ ଦେଇପାରେ ନାହିଁ। ଆମର ପ୍ରାପ୍ତିକୁ, ସଫଳତାକୁ ସହଭାଗ ହେବା ପାଇଁ ସାଥିରେ କେହି ନଥିଲେ ସେ ଉତ୍ସୁକତାକୁ ନେଇ ଆମେ କଣ କରିବା ? ବାହାରେ ଯେତେ ଲୋକ ଭଲ ପାଆନ୍ତୁ, ସମ୍ମାନ କରନ୍ତୁ, ସହଯୋଗ କରନ୍ତୁ, ସେମାନେ ସବୁବେଳେ ଆମ ପ୍ରତି ସେମିତି ସମ୍ପର୍କ ରଖିବେ କିଛି ମାନେ ନାହିଁ। ସେମାନେ ତାଙ୍କର ବ୍ୟକ୍ତିଗତ ଜୀବନରେ ବ୍ୟସ୍ତ ରହି ଆମକୁ ଅଣଦେଖା କରି ପାରନ୍ତି, କିନ୍ତୁ ପରିବାର ଏମିତି ଏକ ମନ୍ଦିର ଯେଉଁଠି ସକାଳ ଆଳତିଠୁ ସନ୍ଧ୍ୟା ଧୂପ ଯାଏ ସବୁଥିରେ ନିଆରା ନିବିଡ଼ତା ଥାଏ। କଳି ତକରାଳ, ଭୁଲ୍ ବୁଝାମଣା, ମାନ ଅଭିମାନ ଯେତେ ଥିଲେ କଣ ହେଲା, ପରିବାର ବ୍ୟକ୍ତିପାଇଁ ଏକ ସୁରକ୍ଷା କବଚ, ଆନନ୍ଦ-ଦାୟକ ଆଶ୍ରମ। ସେଥିପାଇଁ ବୋଧହୁଏ ଗୃହସ୍ଥାଶ୍ରମକୁ ଶାସ୍ତ୍ରରେ ଶ୍ରେଷ୍ଠ ଧର୍ମପୀଠ ଓ ଗୃହସ୍ଥ ପରମ ଧର୍ମ କୁହାଯାଏ।

ସମ୍ପର୍କର ରଙ୍ଗ

ମନ୍ଦିର ବେଢ଼ାରେ ପାରାମାନେ ମଳତ୍ୟାଗ କରନ୍ତି, ଅନେକ ଭକ୍ତଙ୍କ ସମାଗମରେ ମନ୍ଦିର ଚତୁଃପାର୍ଶ୍ୱ ଅପରିଷ୍କାର ହୁଏ, କାଇଁ ଦେବଦେବୀ ତ ମନ୍ଦିର ଛାଡ଼ି ଚାଲି ଯାଆନ୍ତି ନାହିଁ। ପୁରୋହିତମାନେ ମନ୍ଦିର ପ୍ରାଙ୍ଗଣ ସଫା କରନ୍ତି, ପୂଜା ଆରମ୍ଭ ହୁଏ। ଆମ ଗୃହସ୍ଥାଶ୍ରମରେ ଯଦି କିଛି ଲୋକଙ୍କ ବିଚାର ମଳିନ ଥାଏ, ତେବେ ଆମକୁ ହିଁ ସଫା କରିବାକୁ ପଡ଼ିବ। ପରିବାର ଛାଡ଼ି ଚାଲିଗଲେ କେଉଁଠି ବି ପରିଷ୍କାର ସ୍ଥାନ କି ପରିଷ୍କାର ମନ ମିଳିବ ନାହି। ମଣିଷ ଯେଉଁ ସ୍ଥାନରେ ବାସ କରେ ସେ ସ୍ଥାନକୁ ସେ ନିଜେ ସଫା କରି ପାରିଲେ, ତାହାହିଁ ଉପଯୋଗୀ ହୋଇଥାଏ। ନିଜ ବିଚାରକୁ ସଫା କରି ପାରିଲେ ସମ୍ପର୍କ ମଧୁର ହୋଇଥାଏ। ପରିବାର ରୂପକ ମନ୍ଦିରରେ ଆମକୁ କେବଳ ବିଚାରର ପ୍ରାଙ୍ଗଣକୁ ନିଃଶ୍ୱାର୍ଥ ସେବକ ଭାବେ ସ୍ୱଚ୍ଛ ରଖିବାର ଦାୟୀତ୍ୱ ନିର୍ବାହ କରିବାର ଅଛି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ଗ୍ଲୋବାଲ ପିସ୍ ଫାଉଣ୍ଡେସନ ତରଫରୁ ବିଶ୍ୱ ସଂହତି ଦିବସ ପାଳନ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଗ୍ଲୋବାଲ ପିସ୍ ଫାଉଣ୍ଡେସନ ତରଫରୁ ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ବିଶ୍ୱ ସଂଘତି ଦିବସ ପାଳିତ ହୋଇଯାଇଛି। ଗ୍ଲୋବାଲ ପିସ୍ ଫାଉଣ୍ଡେସନ ଏକ ସାର୍ବଜନୀନ, ଜନହିତକାରୀ, ଲାଭବିହୀନ ଅସାଧାରଣ ଅନୁଷ୍ଠାନ ଯାହା ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଜନସଚେତନତା ସୃଷ୍ଟି କରି ସ୍ଥାୟୀ, ଶାନ୍ତି ଓ ସମୃଦ୍ଧି ଉଦ୍ଦେଶ୍ୟରେ କାର୍ଯ୍ୟ କରି ଚାଲିଛି। ଗ୍ଲୋବାଲ ପିସ୍ ଫାଉଣ୍ଡେସନ ଏଭଳି ଏକ ବିଶ୍ୱର ପରିକଳ୍ପନା କରିଛି ଯେଉଁଠି ନଥିବ ଭୟ, ଅଶାନ୍ତି ଓ ଆଶଙ୍କା। ଏହାର ଲକ୍ଷ ସଂଯୁକ୍ତ ପୃଥିବୀ। ସମଗ୍ର ବିଶ୍ୱରେ ସଂଘତି ପ୍ରତିଷ୍ଠା ପାଇଁ ଜାନୁୟାରୀ ୧ ତାରିଖକୁ ବିଶ୍ୱବ୍ୟାପୀ ସଂଘତି ଦିବସ ଭାବରେ ପାଳନ କରିବାକୁ ଗ୍ଲୋବାଲ ପିସ୍ ଫାଉଣ୍ଡେସନ ମିଳିତ ଜାତିସଂଘ ନିକଟରେ ପ୍ରସ୍ତାବ ରଖିଛି। 'ବସୁଧୈବ କୁଟୁମ୍ବକମ୍' ନିତିରେ ଉଦ୍‌ବୁଦ୍ଧ ହୋଇ ସମଗ୍ର ବିଶ୍ୱକୁ ଏକ ବିଶ୍ୱଗ୍ରାମରେ ପରିଣତ କରିବାକୁ ବିଶ୍ୱବାସୀଙ୍କୁ ଆହ୍ୱାନ ଦିଆଯାଇଛି।

ଏହି ଦିବସ ପାଳନ ଅବସରରେ ପୃଥିବୀର ପ୍ରତ୍ୟେକ ଦେଶର ଜାତୀୟ ପତାକାର ଏକତ୍ରିକରଣ କରାଯାଇ ସାଙ୍କେତିକ ଭାବରେ ବିଶ୍ୱରେ ସଂଘତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସମଗ୍ର ପୃଥିବୀରେ ଭରି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜଟିଳ ସମସ୍ୟାର ସମାଧାନ ଓ ମୁକାବିଲା ପାଇଁ ପୃଥିବୀର କୌଣସି ଦେଶ ଆନ୍ତରିକତାର ସହ ଆଗଭର ହେଉନଥିବା ଦୃଷ୍ଟିରୁ ବିଶ୍ୱର ପ୍ରତ୍ୟେକ ଦେଶର ସହଭାଗିତାରେ ଏକ ସର୍ବୋଚ୍ଚ କ୍ଷମତାପ୍ରାପ୍ତ ମୁରବୀ ସରକାର 'ବିଶ୍ୱ ସରକାର' ଗଠନ ହେବା ଆବଶ୍ୟକ ବୋଲି ସମାରୋହରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ବିଶ୍ୱ ସଂଘତି ଉପରେ ଗୁରୁତ୍ୱାରୋପ କରିଥିଲେ।

ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ାକ୍ତର ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ଡା ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ, କାର୍ଯ୍ୟକ୍ରମ, ବିଶ୍ୱଶାନ୍ତି ଓ ବିଶ୍ୱ ସଂଘତି ଉପରେ ଆଲୋକପାତ କରିଥିଲେ। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜ ସଂସ୍କାରକ ଡକ୍ଟର ଭଗବାନ ପ୍ରକାଶ ଯୋଗଦେଇ ବିଶ୍ୱ ସଂଘତି ଓ ବିଶ୍ୱ ସରକାର ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଓଡ଼ିଶା ରାଜ୍ୟ ସଂଯୋଜକ ପ୍ରବୀର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଭୁବନେଶ୍ୱର ସଂଯୋଜକ ପ୍ରଫେସର ରବି ରାୟ ଅତିଥି ପରିଚୟ ଦେଇଥିଲେ। ଫାଉଣ୍ଡେସନର ସମ୍ପାଦିକା ଇଂ ସଂଘମିତ୍ରା ସାବତ ଗ୍ଲୋବାଲ ପିସ୍ ଫାଉଣ୍ଡେସନ ସମ୍ପର୍କରେ ଆଲୋକପାତ କରିଥିଲେ। ନୃତ୍ୟଶିଳ୍ପୀ ସୌମ୍ୟା ପତି ସ୍ୱାଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ବିଶିଷ୍ଟ ସମାଜସେବୀ ଏବଂ ମଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପ୍ରତିଷ୍ଠାତା ପଦ୍ମଚରଣ ନାୟକଙ୍କୁ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ପିସ୍ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର ସହିତ ଫାଉଣ୍ଡେସନର ଅଧ୍ୟକ୍ଷ ଡାକ୍ତର ରାଜକିଶୋର ପଣ୍ଡାଙ୍କ ଲିଖିତ ଗଳ୍ପ ସଂକଳନ 'ଅଗ୍ନି ଶିଖାରେ ରଙ୍ଗ' ପୁସ୍ତକ ଉନ୍ମୋଚନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ଓଡ଼ିଆ ଯୁବକମାନଙ୍କୁ ଭୂଆଁ ବୁଲାଇଛନ୍ତି: ଯୁବମୋର୍ଚ୍ଚା

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଓଡିଶାର ୧ନଂ ଆୱାର୍ଡ କିଣା ମୁଖ୍ୟମନ୍ତ୍ରୀ ବେକାରୀ ଯୁବକମାନଙ୍କୁ ମିଛ କହି ପ୍ରତାରଣା କରିବା ସହ ଭୂଆଁ ବୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ବାଃ ବାଃ ନେବାଲାଗି ଯୁବକଙ୍କୁ ରୋଜଗାର ଯୋଗାଉଥିବା କଥା କହୁଛନ୍ତି, କିନ୍ତୁ ବାସ୍ତବରେ ବେରୋଜଗାରରେ ଓଡ଼ିଶାର ସ୍ଥିତି ଅତ୍ୟନ୍ତ ଦୟନୀୟ। ଏନସିଆରବି ୨୦୧୫-୨୦ ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ଦିନ ୪ଜଣ ବେରୋଜଗାର ଓଡ଼ିଶାରେ ଆତ୍ମହତ୍ୟା କରୁଛନ୍ତି ଏବଂ ଏହା ୨୫୩% କୁ ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୨୧ ମସିହାର ପ୍ରଥମ ୩ ମାସରେ ଓଡିଶାରେ ବେକାରୀ ହାର ୩୧ ପ୍ରତିଶତ ଥିଲା। ଏପରି ସ୍ଥଳେ ଏକ ବିଶ୍ୱାସନୀୟତା ନଥିବା ସଂସ୍ଥାଠାରୁ ପ୍ରାୟୋଜିତ ପୁରସ୍କାର ହାତେଇ ଓଡିଶାର ଯୁବକ ଯୁବତୀଙ୍କୁ ବୋକା ବନାଇବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମେକ ଇନ୍ ଓଡ଼ିଶାର ପ୍ରୋଗ୍ରାମ କରି ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଉଛନ୍ତି। ୨୦୧୬-୧୮ ମସିହାରେ ମେକ୍ ଇନ୍ ଓଡ଼ିଶାରେ ୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓଡ଼ିଶାରେ ଆସିବା ସହ ୭ଲକ୍ଷ ନିଯୁକ୍ତି ମିଳିବ ବୋଲି ରାଜ୍ୟ ସରକାର ବାହାସ୍ୱଟ ମାରିଥିଲେ, କିନ୍ତୁ ମାତ୍ର ୫ହଜାର ୬୦୦କୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହୋଇ ମାତ୍ର ୫ହଜାର ୮ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲା। ୨୦୦୮ ରୁ ୨୦୧୩ ମସିହା ଭିତରେ ପ୍ରାୟ ୧୩ଟି ବଡ ବଡ ପୁଂଜିନିବେଶକାରୀ ଓଡିଶା ଛାଡି ଅନ୍ୟତ୍ର ପଳାଇଛନ୍ତି । ଓଡିଶାରେ ଯାହାବି ଶିଳ୍ପାନୁଷ୍ଠାନ ଅଛି ସେଠାରେ ଓଡିଆ ପିଲାଙ୍କୁ ନିଯୁକ୍ତି ମିଳୁନାହିଁ । ତାହାଲେ ଓଡ଼ିଶା ବେକାରୀ ଶୂନ୍ୟ ହେଲା କେମିତି ବୋଲି ଶ୍ରୀ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଦକ୍ଷତାବିକାଶ ଓ ବୈଷୟିକ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଗତ ୨୬.୭.୨୦୨୨ରେ ବିଧାନ ସଭାରେ ପ୍ରଶ୍ନର ଉତରରେ କହିଥିଲେ ଯେ, ଓଡ଼ିଶାରେ ମୋଟ ୮ଲକ୍ଷ ୮୦ ୧୭୫ଜଣ ଯୁବକ ଯୁବତୀ ଏମ୍ପ୍ଲଏମେଂଟ ଏକଚେଞ୍ଜରେ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି। ଏହାଛଡା ରାଜ୍ୟରେ ଏବେ ବି ୯ଲକ୍ଷ ପଞ୍ଜିକୃତ ବେକାରୀ ଯୁବକ ଯୁବତୀ ଅଛନ୍ତି। ତାହାଲେ ବେକାରୀ ଦୂରର ମିଥ୍ୟା କଥା ମୁଖ୍ୟମନ୍ତ୍ରୀ କାହିଁକି କହୁଛନ୍ତି ତାର ଜବାବ ଦିଅନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ସରକାରୀ ତଥ୍ୟ ଅନୁସାରେ ପ୍ରାୟ ୧ଲକ୍ଷ ୮୨ହଜାର ୫୩୬ ଜଣ ଗ୍ରାଜୁଏଟ ବେକାରୀ ଥିବାବେଳେ କଳାରେ ୧ ଲକ୍ଷ ୩ହଜାର ୯୭୬ହଜାର ଗ୍ରାଜୁଏଟ ବେକାର ଅଛନ୍ତି। ଇଞ୍ଜିନିୟରିଂରେ ୯ହଜାର ୪୮୭ଜଣ ବେକାର ପଞ୍ଜୀକୃତ କରିଛନ୍ତି। ସେହିପରି ତାଲିମପ୍ରାପ୍ତ ୧ ଲକ୍ଷ୨୪ହଜାର ୬୬୧ଜଣ ଶିକ୍ଷକ କାମ ନପାଇ ବେକାର ବୁଲୁଛନ୍ତି। ୩୧ ଅକ୍ଟୋବର ୨୦୨୦ ସୁଦ୍ଧା ୮ଲକ୍ଷ ୯୬ହଜାର ୮୩୮ଜଣ ପଞ୍ଜୀକୃତ ବେକାର ଯୁବକ ଯୁବତୀ ରହିଛନ୍ତି କିନ୍ତୁ ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନମିକ୍ (ଇଏମ୍‌ଆଇଇ) ରିପୋର୍ଟରେ ଓଡ଼ିଶାର ବେକାରୀ ସଂଖ୍ୟା ୦.୯% ଅଛି। ମୁଖ୍ୟମନ୍ତ୍ରୀ ଏଭଳି ମିଥ୍ୟା ରିପୋର୍ଟ ବାହାର କରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ରାଜ୍ୟର ୨୦ଲକ୍ଷରୁ ଅଧିକ ଶ୍ରମିକ ଦାଦନ ଖଟୁଛନ୍ତି। ତାହାଲେ ଓଡ଼ିଶାରେ ବେକାରୀ ହାର ୦.୯% କେମିତି ହେଲା? ଦୀର୍ଘ ୨୩ବର୍ଷ ଶାସନରେ ରହିଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମରୁ ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ମୁଖ୍ୟମନ୍ତ୍ରୀଙ୍କୁ ଜଗନ୍ନାଥ ସଦବୁଦ୍ଧି ଦିଅନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ମିଛ ବାଃ ବାଃ ନେବା, ମିଛ ଡିଣ୍ଡିମ ପିଟିବା, ଯୁବକଙ୍କୁ ସୁନେଲୀ ସ୍ୱପ୍ନ ଦେଖାଇବା ମୁଖ୍ୟମନ୍ତ୍ରୀ କାଚଘରୁ ବାହାରି ଓଡ଼ିଶାର ଯୁବପିଢ଼ୀ କେଉଁଭଳି ଭାବେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ତାହାର ତର୍ଜମା କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ରାଜ୍ୟରେ ୨ଲକ୍ଷ ସରକାରୀ ପଦବୀ ଖାଲି ପଡିଥିଲେ ବି ରାଜ୍ୟ ସରକାର ପୂରଣ କରୁନାହାନ୍ତି। ତାହାଲେ ରାଜ୍ୟରେ ବେକାରୀ ହାର କମିଲା କେମିତି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯଦି ଯୁବକ ଯୁବତୀଙ୍କ ପ୍ରତିଙ୍କୁ ଭୂଆଁ ବୁଲାଇ ଠକିବେ ତାହାଲେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ରାଜ୍ୟ ସରକାରଙ୍କ ମିଛ ପ୍ରଚାର ବିରୋଧରେ ଗ୍ରାଉଣ୍ଡ ଜିରୋରୁ ସର୍ଭେ କରି ଉଚିତ ଜବାବ ଦେବ ବୋଲି ଶ୍ରୀ ଆଚାର୍ଯ୍ୟ ଚେତାବନୀ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଦୀପକ ଗୋଛାୟତ, ରାଜ୍ୟ ସଂପାଦକ ମନୋଜ ପଣ୍ଡିମକବାଟ, ରାଜ୍ୟ ସଂଯୋଜକ ରାଣା ପୃଥ୍ୱୀରାଜ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟସୂଚୀ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ବରଗଡ଼ ଜିଲ୍ଲାର ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନ ଦୃଷ୍ଟିରୁ ଆରମ୍ଭ ହୋଇପାରି ନଥିଲା ଓ ଏ ସଂପର୍କରେ ଭାରତ ନିର୍ବାଚନ ଆୟୋଗଙ୍କ ମଧ୍ୟ ଅବଗତ କରାଯାଇଥିଲା । ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପ୍ରରେ ନିମ୍ନମତେ ୦୧-ପଦମ୍‌ପୁର ନିର୍ବାଚନ ମଣ୍ଡଳୀର ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ କରାଯିବ । ତା,୦୬/୦୧/୨୦୨୩ରିଖ (ଶୁକ୍ରବାର)ଦିନ ଚିଠା ଭୋଟର ତାଲିକା ପ୍ରକାଶନ, ତା. ୦୬/୦୧/୨୦୨୩ରିଖ (ଶୁକ୍ରବାର)ଠାରୁ ତା. ୦୬/୦୨/୨୦୨୩ରିଖ (ସୋମବାର) ପର୍ଯ୍ୟନ୍ତ ଭୋଟର ମାନଙ୍କ ଆପତ୍ତି-ଅଭିଯୋଗଗୁଡ଼ିକ ଗ୍ରହଣ କରାଯିବ। ତା. ୧୪/୦୧/୨୦୨୩, ତା. ୧୫/୦୧/୨୦୨୩ ଏବଂ ତା. ୨୧/୦୧/୨୦୨୩ ଓ ତା. ୨୨/୦୧/୨୦୨୩ ତାରିଖରେ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ କରାଯିବ । ଏହି ଦିନମାନଙ୍କରେ ପଦମ୍‌ପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିର୍ବାଚକମାନଙ୍କୁ ସହାୟତା ଯୋଗାଇଦେବେ । ତା. ୧୭/୦୨/୨୦୨୩ରିଖ (ଶୁକ୍ରବାର) ଦିନ ଦାବି, ଆପତ୍ତି, ଅଭିଯୋଗଗୁଡ଼ିକର ଶୁଣାଣି କରାଯିବ । ତା.୨୨/୦୨/୨୦୨୩ରିଖରେ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାର ପ୍ରକାଶନ ପାଇ ନିର୍ବାଚନ ଆୟୋଗଙ୍କ ଅନୁମତି କ୍ରମେ ତନଖି କରାଯିବ ଓ ତା.୨୮/୦୨/୨୦୨୩ରିଖରେ ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳିର ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ହକି ବିଶ୍ୱକପ ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ହକି ବିଶ୍ୱକପ ମାମଲାକୁ ନେଇ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି ।

ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ସେ ଆହୁରି କହିଛନ୍ତି, ପ୍ରଚାରପ୍ରସାରକୁ ଦେଖି ଲାଗୁଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏଠି ବଡ଼ ହେଇ ଯାଇଛନ୍ତି, ହକି ଫେଡେରେସନ ଗୌଣ ହେଇଯାଇଛି। ଗତଥର ହକି ବିଶ୍ୱକପ ଓଡ଼ିଶା ଆୟୋଜନ କରିଥିଲା। ପୁଣି ଚଳିତ ବର୍ଷ ଆୟୋଜନ କରିବାର କଣ ଆବଶ୍ୟକ ଥିଲା? ହକି ଫେଡେରେସନ ଆୟୋଜନ କରିବା କଥା କେବଳ ଓଡ଼ିଶା ସରକାର ସମର୍ଥନ କରିବା କଥା ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ରାଜ୍ୟରେ ଅପପୁଷ୍ଟିର ଭୟଙ୍କର ସ୍ଥିତି ରହିଛି। ଓଡ଼ିଶାରେ ଭିଟାମିନ ଚାଉଳ ମିଳୁନି। ଏପରି ସ୍ଥିତିରେ କାହିଁକି ବାରମ୍ବାର ହକି ବିଶ୍ୱକପ ଆୟୋଜନ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଜୟ ନାରାୟଣ।

ଯଦି ବାସ୍ତବରେ ସରକାରଙ୍କ ହକି ପ୍ରୀତି ଅଛି ତେବେ କାହିଁକି ଆଜି ପର୍ଯ୍ୟନ୍ତ ରାଜ୍ୟରେ ହକି ଭିତ୍ତିଭୂମି ସୁଦୃଢ଼ ହୋଇ ପାରିନି। ସିନିୟର ଟିମରେ କାହିଁକି ଧୀରେ ଧୀରେ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା କମୁଛି। ଜୁନିଅର ଟିମରେ ବି ସ୍ଥିତି ଖରାପ। ମୁଖ୍ୟମନ୍ତ୍ରୀ ହକି ଷ୍ଟାଡିୟମ ଉଦଘାଟନ ନାଁରେ ରାଜନୀତି ନ କରନ୍ତୁ। ହକି ଆୟୋଜନ ନାଁ ରେ ଦଳୀୟ ପ୍ରଚାର ପ୍ରସାର କରାନଯାଉ ବୋଲି ସେ ପରାମର୍ଶ ଦେଇଛନ୍ତି ।

୨୦୨୨-୨୩ ବର୍ଷ ପାଇଁ ଓଡ଼ିଶା ବିଧାନସଭା ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଓଡ଼ିଶା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପ୍ରଦେଶର ଉପାନ୍ତ ଅଂଚଳ ଏବଂ ଅନ୍ୟାନ୍ୟ ଓଡ଼ିଆ ଭାଷୀ ଅଂଚଳଗୁଡ଼ିକରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାରପ୍ରସାର ନିମନ୍ତେ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ନେଇ ଏହି ବୈଠକରେ ଆଲୋଚନା ହୋଇଯାଇଛି ।

କମିଟିର ସଦସ୍ୟମାନେ ବୈଠକରେ ପଡ଼ୋଶୀ ଓଡ଼ିଆ ଭାଷାଭାଷୀ ଅଂଚଳରେ ଭାଷା-ସଂସ୍କୃତିର ସୁରକ୍ଷା ଦିଗରେ ରହିଥିବା ସମସ୍ୟାଗୁଡ଼ିକ ବାବଦରେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ପ୍ରତିକାର ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ କମିଟିରେ ଉପସ୍ଥାପନ କରିଥିଲେ ।

ପଡୋଶୀ ରାଜ୍ୟମାନଙ୍କରେ ଆମ ଶିକ୍ଷା-ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକ ସାମ୍ନା କରୁଥିବା ସମସ୍ୟାର ପ୍ରତିକାର ବ୍ୟବସ୍ଥା କରିବା ସହ ସଂପୃକ୍ତ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପ୍ରୋତ୍ସାହନକୁ ଗୁରୁତ୍ୱ ଦେଇ ଯନିର ସହିତ କାର୍ଯ୍ୟକରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ ସଂସ୍କୃତି ବିଭାଗକୁ ବାଚସ୍ପତି ଶ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଏସବୁ ପଡ଼ୋଶୀ ରାଜ୍ୟମାନଙ୍କୁ ଗସ୍ତ କରି ସେଠାରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା ଅନୁଧ୍ୟାନ କରି ଏହାର ପ୍ରତିକାର ପାଇଁ ମୁଖ୍ୟ କମିଟିକୁ ସୁପାରିଶ କରିବା ନିମନ୍ତେ ସବ୍‌କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଗଲା । ସଂପୃକ୍ତ ବିଭାଗଗୁଡ଼ିକ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ସେସବୁ ସ୍ଥାନକୁ ପଠାଇ ସ୍ଥିତି ଅନୁଧ୍ୟାନ ସହ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ବାଚସ୍ପତି କହିଥିଲେ ।

ଆଜିର ଏହି ବୈଠକରେ ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ, ମାନ୍ୟବର ପୂର୍ତ୍ତ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମଙ୍କ ସମେତ ବରିଷ୍ଠ ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ, ଶ୍ରୀ ବଦ୍ରିନାରାୟଣ ପାତ୍ର, ଶ୍ରୀ ଭାସ୍କର ମଢ଼େଇ, ଶ୍ରୀ ସାଲୁଗା ପ୍ରଧାନ, ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶ୍ରୀମତୀ ଲତିକା ପ୍ରଧାନ ଓ ଶ୍ରୀ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍., ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭୁବନର ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର ମାଝୀ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଜୋନ୍

ମାକିଡିଆ ହାଟପଡିଆଠାରେ ରକ୍ତଦାନ ଶିବିର : ୨୦ ୟୁନିଟ ସଂଗୃହୀତ

ଜଳେଶ୍ୱର,୦୪/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡିଆ ପଂଚାୟତ ହାଟପଡିଆଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମାକିଡିଆ ପଂଚାୟତ, ମେ ଆଇ ହେଲ୍ପ ୟୁ, ଓ ଜିଲା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସରପଂଚ ବିଷ୍ଣୁପ୍ରିୟା ଘୋଷ ଉଦ୍‌ଘାଟନ କରିବା ସହିତ ନିଜେ ମଧ୍ୟ ରକ୍ତଦାନ କରିଥିଲେ । ପ୍ରଥମ ରକ୍ତଦାତା ଭାବେ ସାମ୍ବାଦିକ ଗୌରଗୋପାଳ ସେନ୍ ଯୋଗ ଦେଇଥିବା ବେଳେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମୀର ଘଡେଇ, ଦୀପକ କାପୁଡି, ରତିକାନ୍ତ ସେନାପତି, ନିମାଇଁ ଘୋଷ, ଉତ୍ତମ କୁମାର ମହାନ୍ତି, ବିଷ୍ଣୁପଦ ସାହୁ, ଜଗନ୍ନାଥ ପରିଡା, ଡ. ସଂଜୟ କୁମାର ବାରିକ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମୋଟ ୨୦ ୟୁନିଟଇ ରକ୍ତ ସଂଗୃହୀତ ହୋଇଥିଲା ।

ଜିଲ୍ଲା ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

ବାଲେଶ୍ୱର,୦୪/୦୧ (ନି.ପ୍ର): ଜିଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା - ୨୦୨୩ ସ୍ଥାନୀୟ ମିଶନ ପଡ଼ିଆରେ ବୁଧବାର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହ ଶାରୀରିକ ଓ ମାନସିକ ବିକାଶରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ତେବେ ପ୍ରତ୍ୟେକ କ୍ରୀଡ଼ାକୁ ନିୟମ ମଧ୍ୟରେ ସତର୍କତାର ସହ ଖେଳିବାକୁ ସେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଜୟ ଓ ପରାଜୟକୁ ବିଶେଷ ଗୁରୁତ୍ୱ ନଦେଇ କ୍ରୀଡ଼ା ପ୍ରତିଯୋଗିତାରେ ସର୍ବଦା ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଏଥିରେ ସଭାପତିତ୍ୱ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଓ ପ୍ରାଚୀତନୟା ଗିରି ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖ୍ରୀଷ୍ଟିୟାନ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ପୃଷ୍ଟି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫ୍ଲାଗମାର୍ଚ୍ଚ ପ୍ରଦର୍ଶିତ ହୋଇଥିଲା । ଏହି ଜିଲାସ୍ତରୀୟ କ୍ରୀଡ଼ାର ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ବୟସର ଉଭୟ ବାଳକ ଓ ବାଳିକା ବର୍ଗରେ ଜିଲ୍ଲାର ୧୨ ଗୋଟି ବ୍ଲକରୁ ୧୨ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି । ଏଥିରେ ଦୌଡ଼କୁଦ, ଯୋଗ, ଭଲିବଲ୍, ବିଚ୍ ଭଲିବଲ, ଚେସ, କବାଡି, ତୀର ଚାଳନା, ଫୁଟବଲ ଓ ଖୋ-ଖୋ,ସଫ୍ଟ ବଲ, ରଗ୍‌ବି, ଟେନିକୋଏଟ୍, ବ୍ୟାଡମିଂଟନ ପ୍ରଭୃତି ମିଶନ ପଡ଼ିଆ, ମୋର୍କୋଣାର ଆରଏନ ହାଇସ୍କୁଲ ଓ ପରମିଟ୍ ପଡିଆରେ ଅନୁଷ୍ଠିତ ହେଉଛି ।

ମୟୂରଭଂଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟ

ଉଇଂଟର ଫିଟନେସ ଏବଂ ମୁର୍ଗାବାଡ଼ି କ୍ରିକେଟ କ୍ଲବ ବିଜୟୀ

ବାରିପଦା,୦୪/୦୧ (ନି.ପ୍ର): ସ୍ଥାନୀୟ କଲେଜ ପଡିଆରେ କ୍ଲବ ସିକ୍ରେଟ ଇଲେଭେନ ଆନୁକୂଲ୍ୟରେ ୫ମ ବାର୍ଷିକ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟର ଦଶମ ଦିନର ଖେଳର ପ୍ରଥମ ମ୍ୟାଚରେ ଉଇଂଟର ଫିଟନେସ କଳିଙ୍ଗ କ୍ଲବକୁ ୫ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି କଳିଙ୍ଗ କ୍ଲବ ୧୦ ଓଭରରେ ୭ ଉଇକେଟ ହରାଇ ୬୬ ରନ କରିଥିଲେ ଓ ଦଳ ପକ୍ଷରୁ କିଶୋର ପଲେଇ ସର୍ବାଧିକ ୨୬ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ରାଜେଶ ବେହେରା ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଉଇଂଟର ଫିଟନେସ ୬.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସୌମ୍ୟ ରଂଜନ କର ୩୬ରନ କରିଥିବା ବେଳେ ବିପକ୍ଷ ଦଳର ସାଇବା ସିଂହ ଓ କିଶୋର ପଲେଇ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ସୌମ୍ୟ ରଂଜନ କର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଦ୍ୱିତୀୟ ମ୍ୟାଚରେ ମୁର୍ଗାବାଡ଼ି କ୍ରିକେଟ କ୍ଲବ ଏଟାକ ଇଲେଭେନକୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଏଟାକ ଇଲେଭେନ ୧୦ ଓଭରରେ ୭ ଉଇକେଟ ହରାଇ ୭୫ ରନ କରି କରିଥିଲେ । ଦଳ ପକ୍ଷରୁ ବାଣିଦତ ପରିଡା ୨୭ ଓ ଶିବ ଶଙ୍କର ଟୁଡୁ ୨୦ ରନ କରିଥିବା ବିପକ୍ଷ ଦଳର ହିତାଂଶୁ ଦାସ ଓ ପାର୍ଥ ଦେ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତରରେ ମୁର୍ଗାବାଡି ୯.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ହିତାଂଶୁ ଦାସ ୨୯ ଓ ଚନ୍ଦନ ଦାସ ୧୮ ରନ କରିଥିବା ବେଳେ ବିପକ୍ଷ ଦଳର ସଂଜୟ ଦାସ ଓ ବଳରାମ ସିଂହ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ହିତାଂଶୁ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅଶୋକ ପାଲ, ଇନ୍ଦ୍ରଜିତ ପ୍ରସାଦ ଓ ଅରୁଣ କୁମାର ଭଣ୍ଡାରୀ ଖେଳ ପରିଚାଳନା କରିଥିବା ବେଳେ ଦୀପକ ଦାସ ଧାରାବିବରଣୀ ଏବଂ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ ।

'ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବ'ର ବୈଠକ

ବାଲେଶ୍ୱର,୦୪/୦୧ (ନି.ପ୍ର): 'ଓୟଡବ୍ଲ୍ୟୁ ଜେ'ରୁ ଇସ୍ତଫା ଦେଇଥିବା ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି 'ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବ'ରେ । ନବାଗତ ସଦସ୍ୟଙ୍କୁ ନେଇ ଏହି ମିଡିଆ କ୍ଲବର ପ୍ରଥମ ବୈଠକ ରାଣୀପାଟଣା ସ୍ଥିତ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅୟୋଜିତ ଏହି ବୈଠକରେ ସନ୍ଦୀପ୍ତ କୁମାର ଦାସ, ବାସୁଦେବ ରାଉଳ, ସ୍ୱାଗତିକା ବାରିକ, ସୁରେନ୍ଦ୍ର ବାରିକ, ଜଗନ୍ନାଥ ଖଟୁଆ, ମହମ୍ମଦ ଇନାୟତ ଅଲି, ରତିକାନ୍ତ ଦତ୍ତ, ଗୟାଧର କର, ଶେଖ ନଜିମ, ଅଜିମ ବାଲେଶ୍ୱରୀ, ସ୍ୱଦୀପ୍ତ ମହାନ୍ତି, ସୁଶୀଳ ଜେନା, ଦୀପକ ମଲିକ ପ୍ରମୁଖଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବିଶେଷ କରି ଆସନ୍ତା ପିକନିକ ପାଇଁ ସ୍ଥାନ ଚୟନ ଓ ଦିନ ଧାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସନ୍ତା ୨୦ ତାରିଖ ଋଷିଆ ଡ୍ୟାମ ପାର୍ଶ୍ୱ ଜଙ୍ଗଲରେ ପିକନିକ ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି । ସେହିଭଳି ଶୀତର ପ୍ରକୋପ ବଢୁଥିବା ବେଳେ ସଂଘ ପକ୍ଷରୁ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ସପ୍ତାହରେ ସହର ରେଳଷ୍ଟେସନ ସମେତ ବସ୍ତି ଅଞ୍ଚଳର ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯିବ । ଏଥି ସହିତ ସଂଘର ବ୍ଲକ ଶାଖା ସ୍ଥାପନ ଉପରେ ଆଲୋଚନା କରାଯାଇଥିଲା ।

ଆଗ-ପଛ ହୋଇ ପରଲୋକରେ ବୃଦ୍ଧ ଦମ୍ପତ୍ତି

ଜଳେଶ୍ୱର,୦୪/୦୧ (ନି.ପ୍ର): ପବିତ୍ର ବିବାହ ଓ ମୃତ୍ୟୁ ବିଧାତାର ନିର୍ଦ୍ଦେଶ ଥିବା ବେଳେ ଏପରି ଏକ ଘଟଣା ଜଳେଶ୍ୱର ବ୍ଲକର ରାଜପୁର ପଂଚାୟତ ଅନ୍ତର୍ଗତ ବାଘାବାଳି ଗାଁରେ ଦେଖିବାକୁ ମିଳିଛି । ଗତ ୩୧ ତାରିଖ ଶନିବାରରେ ଶାନ୍ତିଲତା ଭୂୟାଁ (୮୬) ବାର୍ଦ୍ଧକ୍ୟରୋଗରେ ପିଡିତ ଥାଇ ପରଲୋକ ଗମନ କରିଥିଲେ । ଏହି ଶୋକରେ ମ୍ରିୟମାଣ ହୋଇ ୪ଦିନ ପରେ ଗତ ମଂଗଳବାର ମଧ୍ୟ ରାତ୍ରିରେ ତାଙ୍କ ସ୍ୱାମୀ ବିଜୟ ଗୋପାଳ ଭୂୟାଁ(୯୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି । ସେ ଜଣେ ପଞ୍ଚସେଟ୍ ଓ ସାଇକେଲ ମନ୍ତ୍ରୀ ଭାବେ ସ୍ଥାନୀୟ ଅଂଚଳରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଗଂଗାଧର ଓ ଅଭିରାମ, ପୁତ୍ରବଧୂ, ୭କନ୍ୟା ଓ ଜ୍ୱାଇଁ, ନାତି ନାତୁଣି, ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ । ସରପଂଚ ମମତା ପରିଡା, ଦିଲ୍ଲିପ ପରିଡା, ଘନଶ୍ୟାମ ଭୂୟାଁ, ନନିଗୋପାଳ ଭୂୟାଁ ଓ ଦୀପକ ପ୍ରଧାନ ପ୍ରମୁଖ ସେ ଅଂଚଳର ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ବଡପୁଅ ଗଂଗାଧର ସୁବର୍ଣ୍ଣରେଖା ନଦୀକୂଳ ପାଟଣା ଶ୍ମଶାନରେ ମୁଖାଗ୍ନି ଦେଇଥିଲେ । ୪ ଦିନ ବ୍ୟବଧାନରେ ଦମ୍ପତିଙ୍କ ମୃତ୍ୟୁ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି ।

ତ୍ରୟୋଦଶ ସେକ୍ରେଟେରିଏଟ୍ ଓପନ୍ ବ୍ୟାଡମିଂଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଓଡିଶା ରାଜ୍ୟ ସଚିବାଳୟ ବ୍ୟାଡମିଂଟନ ସଂଘ (ଓସ୍‌ବା)ର ପଂଚଦଶ ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ତ୍ରୟୋଦଶ ସଚିବାଳୟ ଓପନ୍ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ - ୨୦୨୩ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ସଚିବାଳୟ ପରିସରରେ ତିନି ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ବିଭିନ୍ନ ବର୍ଗରେ ଦୁଇଶହରୁ ଊର୍ଦ୍ଧ୍ୱର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ସଚିବାଳୟ ବ୍ୟାଡମିଂଟନ୍ ସଂଘ ବ୍ୟାଡମିଂଟନ କ୍ରୀଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହାର ପ୍ରତିବଦ୍ଧତାକୁ ବଜାୟ ରଖି ବିଗତ ବର୍ଷମାନଙ୍କରେ ଖେଳାଯାଉଥିବା ସିନିଅର ପୁରୁଷ (ଡବଲ୍ସ ଓ ସିଙ୍ଗିଲ୍ସ), ଭେଟେରାନ୍ ପୁରୁଷ (ଡବଲ୍ସ ଓ ସିଙ୍ଗିଲ୍ସ), ମହିଳା (ଡବଲ୍ସ ଓ ସିଙ୍ଗିଲ୍ସ) ଓ ମିଶ୍ରିତ ଯୁଗଳ ଆଦି ୭ଟି ବର୍ଗରେ ପ୍ରତିଯୋଗିତାର ବ୍ୟବସ୍ଥା କରିଛି । ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି ଅର୍ଥ ବିଭାଗର ନିର୍ଦ୍ଦେଶକ (ବଜେଟ) ଡ଼. ସତ୍ୟପ୍ରିୟ ରଥ ଓ ସମ୍ମାନୀୟ ଅତିଥି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଜୋନର ଡେପୁଟି ଜେନେରାଲ ମ୍ୟାନେଜେର ସଞ୍ଜୟ କୁମାର ଝା ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ ।

ଭଦ୍ରକ ଜିଲ୍ଲା ଫଟୋଗ୍ରାଫି ସଂଘର ବାର୍ଷିକ ଉତ୍ସବ

ଭଦ୍ରକ,୦୪/୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ଫଟୋଗ୍ରାଫି ସଂଘର ବାର୍ଷିକ ଉତ୍ସବ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଭଦ୍ରକ ଜିଲ୍ଲାର ବିଶିଷ୍ଟ ଫଟୋଗ୍ରାଫର ବିଦ୍ୟାଧର ସାହୁ, ବୀରେନ୍ଦ୍ର ମହାନ୍ତି, ନୀଳାଦ୍ରି ପାତ୍ର, ସୀତାକାନ୍ତ ସେଠୀ ଓ ପରମାନନ୍ଦ ନାୟକଙ୍କୁ ସଂଘର ସଭାପତି ଶିବାଜୀ ଚରଣ ଦାସ, ସଂପାଦକ ରାଜକିଶୋର ଶତପଥି, ପୂର୍ବତନ ଉପସଭାପତି କିଶୋର ପଟ୍ଟନାୟକଙ୍କ ଦ୍ୱାରା ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ସଂଘର ନୂତନ କର୍ମକର୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ଚନ୍ଦ୍ରକାନ୍ତ ମହାନ୍ତି, ଉପସଭାପତି ଭାବେ ଭାରତଭୂଷଣ ରାୟ, ସଂପାଦକ ଭାବେ ନୀଳାଦ୍ରୀ ପାତ୍ର, ଉପସଂପାଦକ ବିବେକାନନ୍ଦ ନାୟକ ଏବଂ କୋଷାଧକ୍ଷ ଭାବେ ନବକିଶୋର ଦାସ ମନୋନୀତ ହୋଇଥିଲେ । ସମସ୍ତ ସଭ୍ୟଙ୍କ ଆହ୍ୱାନ କ୍ରମେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା ଯେ, ଜିଲ୍ଲାର ଫଟୋଗ୍ରାଫର ମାନଙ୍କୁ ସରକାର ସ୍ୱୀକୃତି ପ୍ରଦାନ କରିବା ପାଇଁ ଏକ ଚିଠି ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରାଯିବା ନିଷ୍ପତି ନିଆଯାଇଛି । ଶେଷରେ ସଂଘର ସଦସ୍ୟ ଅଜୟ ବାରିକ ଧନ୍ୟବାଦ ଦେଇଥିଲେ ।

୪୯ ତମ ରାଜ୍ୟ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟନ ସମାରୋହ

ଖୋର୍ଦ୍ଧା,୦୪/୦୧ (ନି.ପ୍ର): ବୁଧବାର ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡିଆରେ ସମୟ ସକାଳ ୧୧ ଘଟିକା ୪୯ ତମ ରାଜ୍ୟ ସ୍ତରୀୟ ବିଜ୍ଞାନ, ଗଣିତ ପ୍ରଯୁକ୍ତିବିଦ୍ୟା ଉଦଘାଟନ ହୋଇ ଯାଇଛି । ଏହି ସମାରୋହରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ, ମୂଖ୍ୟ ଅତିଥି, ବରେଣ୍ୟ ଅତିଥି ଅସ୍ୱତି, ଏସ, କମିଶନର ଓଡିଶା ଶିକ୍ଷା ବିଭାଗ, ମୂଖ୍ୟ ବକ୍ତା ଡ଼, ପ୍ରମୋଦ କୁମାର ପଣ୍ଡା, ନାଇଜର ଜଟଣୀ ଖୋର୍ଦ୍ଧା, ସନମାନ୍ୟୟ ଅତିଥି ଖୋର୍ଦ୍ଧା ବିଧାୟକ ଜିତେନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ପୌରଅଧକ୍ଷା ଶ୍ରୀମତି କନକ ଲକ୍ଷ୍ମୀ ମହାନ୍ତି, ସଭାର ସଭାପତି ମନୋଜ କୁମାର ପାଢ଼ୀ, ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶା ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଅଧିକାରୀ ବିଶ୍ୱନାଥ ତରାଇ ସଂଗଠନ ସମ୍ପାଦକ ଯୋଗ ଦେଇ ମଞ୍ଚ ଉପରେ ଜେ ଯାହାର ବକ୍ତବ୍ୟ ରଖିଥିଲ । ଖୋର୍ଦ୍ଧା ଜିଲ୍ଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ, ଆଇଏଏସ ସିଦ୍ଧାର୍ଥ କଟାରିଆ ଖୋର୍ଦ୍ଧା ଏସପି, ଆଇପିଏସ, ଓ ଖୋର୍ଦ୍ଧା ଏସଡିପିଓ ଦିଲୀପ କୁମାର ଦାସ ଓ ଖୋର୍ଦ୍ଧା ଜିଲ୍ଲାର ବହୁ ବିଭାଗ ଅଧିକାରୀଗଣ ଯୋଗ ଦେଇଥିଲେ । ଖୋର୍ଦ୍ଧା ବୁଦ୍ଧି ଯିବି, ସାମ୍ବାଦିକ ପ୍ରିଣ୍ଟ ଓ ବୈଦିକ ମଧ ଯୋଗ ଦେଇଥିଲ । ଖୋର୍ଦ୍ଧା ଜିଲ୍ଲାର ସବୁ ସ୍କୁଲ ଶିକ୍ଷକ ଓ ଛାତ୍ର ଛାତ୍ରୀ ଯୋଗ ଦେଇ ମେଳାକୁ ସରସ ସୁନ୍ଦର କରିଥିଲେ । ଓଡ଼ିଶା ୩୦ ଟି ଜିଲ୍ଲାର ଛାତ୍ର ଓ ଛାତ୍ରୀ ତାଂକ ଗାଇଡ ଯୋଗ ଦେଇ ନିଜ ନିଜର ଦକ୍ଷତା ପ୍ରମାଣ କରୁଅଛନ୍ତି । ଏହି ବିଜ୍ଞାନ ମେଳା ଖୋର୍ଦ୍ଧାରେ ଆସନ୍ତା ୩ ଦିନ ତା ୬.୧.୦୨୩ ରିଖ ପର୍ଯ୍ୟନ୍ତଚାଲିବ । ସବୁଦିନ ସକାଳ ୯ ଟାରୁ ରାତି ପର୍ଯ୍ୟନ୍ତ ଚାଲୁରହିବ । ଏଥିରେ ବିଭିନ୍ନ ରଙ୍ଗା ରଙ୍ଗ କର୍ଯ୍ୟ କରାଯିବାର ଅଛି । ଏହି ମେଳାକୁ ଖୋର୍ଦ୍ଧା ଜିଲ୍ଲାର ସବୁ ଛାତ୍ର ଛାତ୍ରୀ ଆସୀ ଦେଖିବେ ଓ ଜ୍ଞାନ ଆହାରଣ କରିବେ । ଖୋର୍ଦ୍ଧାଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ତରାଇ ଓ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରୀତି ନନ୍ଦା ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ ବିଇଓ ଯୋଗ ଦେଉଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଗୌରବ ବଢାଇବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ୟମ ମୁଖ୍ୟ ସୁତ୍ରଧର । ଖୋର୍ଦ୍ଧା ଜିଲ୍ଲାପାଳ ଓ ଏସପି ଦୁଇ ଜଣଙ୍କ ଯୋଡ଼ି ଦେଖି ଖୋର୍ଦ୍ଧା ଜନସାଧାରଣ ଓ ବୁଦ୍ଧିଯିବି ଆନନ୍ଦିତ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଚୀନରେ ଅଣଆୟତ ହେଉଛି ....

ଅଢେଇ ଲକ୍ଷରୁ ଅଧିକ ନୂଆ ମାମଲା ଚିହ୍ନଟ ହେଲାଣି । ଅଧିକାଂଶ ଲୋକଙ୍କ ନିକଟରେ ଫ୍ଲୁ ଓ ସ୍କାଲେର୍ଟ ଜ୍ୱରର କେସ୍ ଅଧିକ ରହିଛି । ଏଠାରେ ଓମିକ୍ରନର ନୂଆ ଭ୍ୟାରିଏଂଟ ଏକ୍ସ.ବି.ବି ୱାନ ପଏଂଟ ଫାଇଭ ଆତଙ୍କ ଖେଳାଉଛି । ନିକଟରେ ବିଟ୍ରେନର ଅତିକମ୍ରେ ୩୦ ଜଣ ପିଲାଙ୍କ ସ୍କାଲେର୍ଟ ଜ୍ୱରରେ ଆକ୍ରନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ଏନେଇ ଆଡଭାଇଜରୀ ଜାରି କରିଛନ୍ତି ବିଟ୍ରେନ ସରକାର । ଥଣ୍ଡା, ଜ୍ୱର ଲକ୍ଷଣ ଦେଖାଗଲେ, ସ୍କୁଲ ନ ଆସିବାକୁ ଛାତ୍ରଛାତ୍ରୀଙ୍କୁ କୁହାଯାଇଛି । ବିଟ୍ରେନ ବ୍ୟତିତ ଫ୍ରାନ୍ସ, ଜର୍ମାନୀ, ଅଷ୍ଟ୍ରେଲିୟା, ଅର୍ଜେଂଟିନା, ଦକ୍ଷିଣ କୋରିଆ ପ୍ରଭୃତି ଦେଶରେ ବି କରୋନା ମାମଲା ବୃଦ୍ଧି ପାଉଛି । ଭାରତରେ ବି ଲଗାତାର ଦୁଇ ସପ୍ତାହ ହେଲା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସଂକ୍ରମଣ ଦିନେ କମିଲେ ପୁଣି ବଢିବାରେ ଲାଗିଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟ ରିପୋର୍ଟ ମୁତାବିକ ବୁଧବାର ଦେଶରେ ୧୭୫ ନୂଆ ମାମଲା ସାମ୍ନାକୁ ଆସିଛି । ଏଥିସହ ବର୍ତମାନ ସୁଦ୍ଧା ଦେଶରେ କରୋନା ଭାଇରସରେ ସଂକ୍ରମିତ ମୃତ୍ୟୁ ସଂଖ୍ୟା ବଢି ୪କୋଟି ୪୬ ଲକ୍ଷରେ ପହଂଚିଛି । ତେବେ ସଂକ୍ରମଣ ଚେନକୁ ବ୍ରେକ ଦେବା ପାଇଁ ଦେଶରେ ଟୀକାକରଣକୁ ଜୋରଦାର କରାଯାଇଛି । ସେହିପରି ସଂକ୍ରମିତ ଦେଶରୁ ଫେରୁଥିବା ବିମାନଯାତ୍ରୀଙ୍କ ପାଇଁ ଆରଟିପିସିଆର ଟେଷ୍ଟକୁ ବାଧ୍ୟତାମୂଳକ କରିଛନ୍ତି କେନ୍ଦ୍ର ସରକାର ।

ମା

ଗୁରୁବାର, ଜାନୁଆରୀ ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଅବକ୍ଷୟମୁଖୀ ସଂସ୍କୃତିର ପୁନରୁଦ୍ଧାର ଆବଶ୍ୟକ : ଡକ୍ଟର ଶ୍ରୀହରି ପଣ୍ଡା

ଉଦଳା,୦୪/୦୧ (ନି.ପ୍ର): ଆଜି କପ୍ତିପଦା ମହାବିଦ୍ୟାଳୟ, ନୂଆସାହି ସଭାକକ୍ଷରେ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଶ୍ରୀହରି ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଆମ କଥା ଆମ ସଂସ୍କୃତି' ପୁସ୍ତକର ଲୋକାର୍ପଣ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ସଭାପତି ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ସାଭାପତିତ୍ୱରେ ହୋଇଯାଇଅଛି । ସଭାପତି ତାଙ୍କ ଅଭିଭାଷଣରେ ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ଅସ୍ମିତାର ପରିଚୟ, ଯେଉଁ ଦେଶ ଯେତେ ସଂସ୍କୃତି ସମ୍ପନ୍ନ, ସେ ଦେଶ ସେତେ ଉନ୍ନତ । ସଂସ୍କୃତି ବ୍ୟତିରକେ ଜୀବନ ଦୁର୍ବହ, ଶୁଷ୍କ, ମୂଲ୍ୟହୀନ ବୋଲି କହିଥିଲେ । ପୁସ୍ତକର ସମୀକ୍ଷକ ଭାବରେ ଅଧ୍ୟାପକ ମନମୋହନ ମହାପାତ୍ର ଯୋଗଦେଇ ସଂସ୍କୃତି ପ୍ରଦାନ କରେ ଗୋଟେ ଜାତିର ପରିଚୟ ଏବଂ ସଂସ୍କୃତି ଉନ୍ମୋଚନ କରେ ମାନବ ସମାଜର ସ୍ୱରୂପ । ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଠିତ ହୋଇଥାଏ ବୋଲି ମତ ରଖିଥିଲେ । ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ଡକ୍ଟର ଧନଞ୍ଜୟ ରାଉତ ଯୋଗଦେଇ ସାହିତ୍ୟ ହେଉଛି ଭାଷା ଓ ସାଂସ୍କୃତିକ ପରିପ୍ରକାଶର ପ୍ରମୁଖ ମାଧ୍ୟମ ଯାହା ସ୍ରଷ୍ଟାମାନଙ୍କ ସୃଷ୍ଟିରେ ପ୍ରତିଫଳିତ ହୋଇଥାଏ ବୋଲି କହିବା ସହ ପୁସ୍ତକର ରଚୟିତା ଡକ୍ଟର ଶ୍ରୀହରି ପଣ୍ଡାଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ପୁସ୍ତକର ଲେଖକ ଡକ୍ଟର ପଣ୍ଡା ପୁସ୍ତକର ଆବଶ୍ୟକତା, ବିଶେଷତଃ ଅବକ୍ଷୟମୁଖୀ ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ବୁଦ୍ଧିଜୀବୀଗଣ ଆଗକୁ ଆସିବା ଉଚିତ ବୋଲି ମତ ରଖିବା ସହ ପୁସ୍ତକର ପ୍ରକାଶକ ସାଇଯମୁନା ପବ୍ଲିକେଶନ, କଟକର ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ଭୂୟାଁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସହ ଶିକ୍ଷକ ମିନତ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖେଳ ଶିକ୍ଷକ ରାମକୃଷ୍ଣ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ । ଅଞ୍ଚଳର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ରହି ସଭାକୁ ସଫଳ କରିବା ସହ ପୁସ୍ତକଟିର ସାଫଲ୍ୟ କାମନା କରିଥିଲେ ।

ସହରରେ ଉଠା ଦୋକାନ ଉଚ୍ଛେଦ ଆତଙ୍କ

ପଥ ବିକ୍ରେତା ସଂଘର ପୌରପାଳିକା ଘେରାଓ ୧୨ରେ

ବାଲେଶ୍ୱର,୦୪/୦୧ (ନି.ପ୍ର): ଲକ୍ଷଲକ୍ଷ ଲୋକଙ୍କୁ ଶସ୍ତା ଦାମରେ ଆବଶ୍ୟକ ସାମଗ୍ରୀ ଯୋଗାଇ ଆସୁଥିବା ପଥପାର୍ଶ୍ୱ ଉଠା ଦୋକାନଙ୍କୁ ପୌର କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନ କରୁଥିବା ଉଚ୍ଛେଦକୁ କଡ଼ା ସମାଲୋଚନା କରିଛି ଓଡ଼ିଶା ପଥ ବିକ୍ରେତା ସଂଘ । ଉଚ୍ଛେଦ ଦୋକାନୀଙ୍କ ଥଇଥାନ ସାଙ୍ଗକୁ ବାଲେଶ୍ୱରରେ ପଥ ବିକ୍ରେତା ଜୀବିକା ସୁରକ୍ଷା ତଥା ପଥ ବିକ୍ରୟ ବିନିୟମ ଆଇନ-୨୦୧୪'କାର୍ଯ୍ୟକାରୀର କରାନଗଲେ ସଂଘ ଆସନ୍ତା ୧୨ ତାରିଖରେ ପୌରପାଳିକା ଘେରାଓ କରିବ ବୋଲି କର୍ମକର୍ତ୍ତାମାନେ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଜିଲା ସ୍କୁଲ ରୋଡ଼ ପାର୍ଶ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ଟାଉନଶାଖା ଉପ-ସଭାପତି ଆବିଦ୍ ଖାନ୍, ସମ୍ପାଦକ ମୋହିନୀ ମୋହନ ପରିଡ଼ା ପ୍ରମୁଖ ଯୋଗଦେଇ ପ୍ରଶାସନ ପକ୍ଷରୁ ଚାଲିଥିବା ବେଆଇନ ଉଚ୍ଛେଦ ସମ୍ପର୍କରେ ସୂଚନା ଦେଇଥିଲେ । ଗତ ଡିସେମ୍ବର ମାସରେ ଓ.ଟି. ରୋଡ଼ ପାର୍ଶ୍ୱ, ନୂଆବର୍ଷ ପୂର୍ବରୁ ବିବେକାନନ୍ଦ ମାର୍ଗ ଏବେ କଲେଜ୍ ରୋଡ଼ରୁ ପୌର କର୍ତ୍ତୃପକ୍ଷ ଶହଶହ ଉଠାଦୋକାନୀଙ୍କୁ ଉଚ୍ଛେଦ କରି ସହରର ହଜାର ହଜାର ଆତ୍ମନିର୍ଭରଶୀଳ ପରିବାରଙ୍କ ଜୀବିକା ବିପନ୍ନ କଲେଣି ବୋଲି ସଂଘର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଉଠା ଦୋକାନୀ ସହରର କେଉଁ ଅଞ୍ଚଳରେ ଦୋକାନ କରିବେ ବା କେଉଁଠି ସ୍ଥାନ ଖାଲି ରହିବ, ତା'ର ଚୂଡ଼ାନ୍ତ ନିଷ୍ପତ୍ତି ଦାୟିତ୍ୱ ଟାଉନ୍ ଭେଣ୍ଡିଙ୍ଗ୍ କମିଟି ଉପରେ ନ୍ୟସ୍ତ ଅଛି । ମାତ୍ର ଏନେଇ ବୈଠକ ଆୟୋଜନ ପରିବର୍ତ୍ତେ ଟାଉନ ଭେଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଧ୍ୱଂସଲୀଳା ଚଳାଇ ଚାଲିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏଣୁ ଅବିଳମ୍ବେ ଟାଉନ୍ ଭେଣ୍ଡିଙ୍ଗ୍ କମିଟି ବୈଠକ ଡକାଇ ଭେଣ୍ଡିଙ୍ଗ୍ ଜୋନ୍, ରେଷ୍ଟ୍ରିକ୍ଟେଡ୍ ଭେଣ୍ଡିଙ୍ଗ୍ ଜୋନ୍ ଓ ନୋ ଭେଣ୍ଡିଙ୍ଗ୍ ଜୋନ୍ ସମ୍ପର୍କରେ ଆଲୋଚନା କରାଯାଉ । ବୈଠକ ପୂର୍ବରୁ ସମସ୍ତ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ପାଇଁ ସଂଘର କର୍ମକର୍ତ୍ତା ଦାବି କରିଛନ୍ତି । ନତୁବା ଆସନ୍ତା ୧୨ରେ ସହରର ସମସ୍ତ ପଥବିକ୍ରେତା ପୌର କାର୍ଯ୍ୟାଳୟ ଘେରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୦୪/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ନୂତନ ବର୍ଷର ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଭଦ୍ରକର ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ଅମିତ କୁମାର ଚାଟାର୍ଜୀ, ଶରତ ଚନ୍ଦ୍ର ଦାଶ, ସୁସାହିତ୍ୟିକା ଅରୁଣା ରାୟ ପ୍ରମୁଖ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସମ୍ପ୍ରତି ବରିଷ୍ଠ ନାଗରିକମାନେ ସାମ୍ନା କରୁଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ମଞ୍ଚର ସମ୍ପାଦକ ସୀତାରାମ ପ୍ରଧାନ ଏଥିରେ ସ୍ୱାଗତ ଅଭିଭାଷଣ ରଖିବା ସହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ନାୟକ ମଞ୍ଚର ବିଭିନ୍ନ ଦାବି ଏହ ବୈଠକରେ ଉପସ୍ଥାପନ କରିଥିଲେ । ପରେ ମୁକ୍ତିକାନ୍ତ ଶତପଥୀ, ଅନାମ ଚରଣ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ଶତ୍ରୁଘ୍ନ ମଲ୍ଲିକ, ବିଜୟ କୁମାର ନନ୍ଦ, ତ୍ରିଦୀପ ନାୟକ, ନରିଞ୍ଜନ ପରିଡ଼ା ପ୍ରମୁଖ ବିଭିନ୍ନ ଦାବି ଓ ଏହାର ସମାଧାନ ଉପରେ ଦୃଷ୍ଟିପାତ କରିଥିଲେ । ବିଶେଷ କରି ବର୍ଦ୍ଧିତ ଦରଦାମକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକଙ୍କ ଭତ୍ତାରାଶିକୁ ୧୫୦୦ଟଙ୍କାକୁ ବୃଦ୍ଧି ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ । ସେହିପରି ରେଳଯାତ୍ରା ରଆତି ପ୍ରଦାନ ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଉଦ୍ଦିଷ୍ଟ ବହୁମୁଖୀ ଯୋଜନା ଜିଲାରେ ତୁରନ୍ତ କାର୍ଯ୍ୟକାରୀ, ଫକୀର ମୋହନ ମେଡିକାଲ କଲେଜରେ ସ୍ୱତନ୍ତ୍ର ଜରା ୱାର୍ଡ଼ କାର୍ଯ୍ୟକ୍ଷମ, ବରିଷ୍ଠ ନାଗରିକଙ୍କ ସାମୟିକ ବିଶ୍ରାମ ସହରରେ ଏକ ସ୍ଥାୟୀ ପକ୍କା ଘର ନିର୍ମାଣ, କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ବାଲେଶ୍ୱରରେ ରେଳ ଡିଭିଜନ ପ୍ରଭୃତି ପ୍ରତିଷ୍ଠା ପାଇଁ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା । ଏହି କ୍ରମରେ ଆସନ୍ତା ଫେବୃଆରୀ ମାସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦିବସୀୟ ଗଣଧାରଣା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି ।

ନାରୀ ନଦୀ-ନକ୍ଷତ୍ର ପରି ପ୍ରବହମାନ ଓ ଚିରନ୍ତନ

ଭଦ୍ରକ,୦୪/୦୧ (ନି.ପ୍ର): ନାରୀ ନଦୀ-ନକ୍ଷତ୍ରର ବେଭାର ଏକାପରି । ନାରୀ ହିଁ ନଦୀ, ଯାହା ଦୂର ଆକାଶର ନକ୍ଷତ୍ର ସମ ଚିର ଉଜ୍ଜ୍ୱଳ । ନଦୀ ପରି ନାରୀ ଚିର ପ୍ରବାହମାନ ଓ ନକ୍ଷତ୍ର ପରି ଚିରନ୍ତନ, ଜାଜ୍ୱଲ୍ୟମାନ । ନଦୀ କେତେବେଳେ ଶାନ୍ତ ତ କେବେ ଉଛଳ, ନକ୍ଷତ୍ର କେବେ ସ୍ୱଷ୍ଟ ପୁଣି କେବେ ଅସ୍ୱଷ୍ଟ । ନାରୀ ସେମିତି ସର୍ଜନଶୀଳ ଓ ରହସ୍ୟମୟୀ । ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଲେଖିକା ମାନେ ସେମାନଙ୍କ ସୃଷ୍ଟିର ମହକରେ ସଭିଙ୍କୁ ମହକିତ ଓ ଆଲୋଡ଼ିତ କରିବା ସହ ସ୍ୱପ୍ନ ଓ ସଂଭାବନାର ସ୍ୱର ତୋଳିଥାନ୍ତି ବୋଲି ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଉତ୍ତର ଓଡ଼ିଶାର ସର୍ବଶ୍ରେଷ୍ଠ ପୁସ୍ତକମେଳା ସପ୍ତମ ସାଳନ୍ଦୀ ବହିମେଳା ଓ ସାହିତ୍ୟ ମହୋତ୍ସବର ଚତୁର୍ଥ ସୃଜନ ସଂଧ୍ୟାରେ ମତ ପ୍ରକାଶ ପାଇଛି । ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ସଂଚାଳିତ 'ନାରୀ-ନଦୀ-ନକ୍ଷତ୍ର' ସାହିତ୍ୟ ଚର୍ଚ୍ଚାରେ ଅତିଥି ଭାବେ ଭୁବନେଶ୍ୱରରୁ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ମାନୀ ଦାଶ, ଭଦ୍ରକରୁ ପ୍ରଭାତ ନଳିନୀ ମହାପାତ୍ର, ସୁଚିତ୍ରା ପାଣିଗ୍ରାହୀ, ଭାନୁମତୀ ମାଟିଆ, ମମତା ସାହୁ, ଚୈତାଳୀ ଖିଲାର, ସୁକାନ୍ତି ମହାପାତ୍ର, ଉଷାରାଣୀ ଜେନା, ବାଲେଶ୍ୱରରୁ ପ୍ରୀତିଲେଖା ଦାସ ଏବଂ ଯାଜପୁରରୁ ମିରିନା ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜନିଜ ଅର୍ଥପୂର୍ଣ୍ଣ ବକ୍ତବ୍ୟରେ ସଂପାନକୁ ରସସିକ୍ତ କରିଥିଲେ । ପ୍ରାରମ୍ଭରେ ଗୀତାରାଣୀ ଆଇଚ ପ୍ରାକ୍‌ଭାଷ ପ୍ରଦାନ କରିଥିଲେ, ଶେଷରେ ଉତ୍ପଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନଙ୍କୁ ବହିମେଳା- ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ରଜତ କୁମାର ନାୟକଙ୍କ ସଂଯୋଜନାରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା । ପବିତ୍ର ପାଣିଗ୍ରାହୀ, ଅଭିଜିତ୍ ନାୟକ, ସରୋଜ ବଳ, କୈଳାଶ ଚନ୍ଦ୍ର ପଣ୍ଡା, ହରମୋହନ କୁଅଁର, ବାଦଲ ମହାପାତ୍ର, ପ୍ରଫୁଲ୍ଲ ନାୟକ, ନାସିର ବକ୍ସ, କିଶୋର ପାଣିଗ୍ରାହୀ, ବସୁମିତ୍ରା ସାହୁ, ଓ ଡା. ବିକାଶ ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ବହିମେଳାରେ ଓଡ଼ିଶାର ପ୍ରମୁଖ ପ୍ରକାଶକମାନେ ଯୋଗ ଦେଇଛନ୍ତି ଏବଂ ଆଗାମୀ ସାତ ତାରିଖ ଯାଏ ପ୍ରତିଦିନ ଅପରାହ୍ନ ୨ ଘଟିକାରୁ ରାତି ୯ଟା ଯାଏ ଏହା ଚାଲିବ ବୋଲି ସଂପାଦକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

୨୦୨୨ ବର୍ଷରେ ୨୪୮୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି ଓଏସଏସସି

ଭୁବନେଶ୍ୱର,୦୪/୦୧ (ନି.ପ୍ର): ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି)ଙ୍କ ଦ୍ୱାରା ୨୦୨୨ ବର୍ଷରେ ୫୩ଟି ନିଯୁକ୍ତି ବିଜ୍ଞାପନର ଫଳାଫଳ ଚୂଡ଼ାନ୍ତ ହୋଇ ପ୍ରକାଶିତ ହୋଇଛି । ଏଥି ମଧ୍ୟରେ ୨୦୧୬ ବର୍ଷର ୬ଟି ନିଯୁକ୍ତି ବିଜ୍ଞାପନ, ୨୦୧୭ର ୮ଟି, ୨୦୧୮ର ଦୁଇଟି, ୨୦୧୯ର ୧୬ଟି, ୨୦୨୦ର ତିନୋଟି, ୨୦୨୧ର ୧୪ଟି ଏବଂ ୨୦୨୨ର ଦୁଇଟି ନିଯୁକ୍ତି ବିଜ୍ଞାପନ ରହିଛି । ଏହି ସମସ୍ତ ପ୍ରକ୍ରିୟାରେ ୨୪୮୮ ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି ବୋଲି ଓଡ଼ିଶା କର୍ମଚାରୀ ଚୟନ ଆୟୋଗଙ୍କ ବାର୍ଷିକ ବିବରଣୀରେ ପ୍ରକାଶ ପାଇଛି । ଓଏସ୍‌ଏସ୍‌ସିର ସୁପାରିଶ କ୍ରମେ ସରକାର ଛଅଟି ମିଳିତ ନିଯୁକ୍ତି ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ଏବଂ ଅନ୍ୟ ଏକ ମିଳିତ ପରୀକ୍ଷାର ସୂଚନା ମଧ୍ୟ ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ ଦିଆଯିବ । ନଭେମ୍ବର ୨୦୨୨ ଏବଂ ଡିସେମ୍ବର ୨୦୨୨ରେ ପାଂଚଟି ମିଳିତ ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ ଆମନ୍ତ୍ରଣ କରାଯାଇଛି । ଓଏସ୍‌ଏସ୍‌ସି ପକ୍ଷରୁ ପ୍ରକାଶିତ ବିବରଣୀରୁ ଜଣାପଡ଼ିଛି ଯେ ୨୦୨୨ ଅଗଷ୍ଟ ମାସ ପରଠାରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କମ୍ପ୍ୟୁଟରଭିତିକ ପ୍ରାଥମିକ ପରୀକ୍ଷା କରାଯାଉଛି । ପୂର୍ବରୁ ଏହା କେବଳ ପାଂଚ-ଛଅଟି ଜିଲ୍ଲାରେ କରାଯାଉଥିଲା । ପୂର୍ବରୁ ନିଯୁକ୍ତି ପାଇଁ ବିଜ୍ଞାପନ କେବଳ ଇଂରାଜୀରେ ପ୍ରକାଶ ପାଉଥିବାବେଳେ ଏବେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ବିସ୍ତୃତ ବିଜ୍ଞାପନ ପ୍ରକାଶିତ ହେଉଛି । ଆବେଦନକାରୀ ମାନଙ୍କଠାରୁ ଓଡ଼ିଆ କିମ୍ବା ଇଂରାଜୀରେ ପରୀକ୍ଷା ପାଇଁ ବିକଳ୍ପ ନିଆଯାଉଛି ଏବଂ ସେହି ଅନୁସାରେ ୨୦୨୩ ଜାନୁଆରୀରୁ ପ୍ରାର୍ଥୀ ତାଙ୍କ ଇଚ୍ଛା ଅନୁଯାୟୀ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ପରୀକ୍ଷା ଦେଇପାରିବେ । ୨୦୨୨ ଅଗଷ୍ଟ କିମ୍ବା ପରବର୍ତ୍ତୀ ସମୟରେ ଯେଉଁସବୁ ପରୀକ୍ଷା ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା, ସେହିସବୁ ପରୀକ୍ଷାରେ ପ୍ରାର୍ଥୀମାନଙ୍କର ନମ୍ବର ତାଙ୍କ ବ୍ୟକ୍ତିଗତ ଅନ୍‌ଲାଇନ୍ ଆକାଉଂଟ ମାଧ୍ୟମରେ ପଠାଯିବା ନିମନ୍ତେ ନିଷ୍ପତି ନିଆଯାଇଛି ।

ଏକଲ ଅଭିଯାନ ତରଫରୁ ବାଗ୍ମୀ କିଶନ କୁମାରଙ୍କୁ ସମ୍ବର୍ଦ୍ଧନା

ଉଦଳା,୦୪/୦୧ (ନି.ପ୍ର): ଉଦଳା ସହରର ୱାର୍ଡ଼ ନଂ-୧୦ର ବାସିନ୍ଦା ସଞ୍ଜିବ କୁମାର ସାହୁଙ୍କ ପୁତ୍ର କିଶନ କୁମାର, ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଶାରୁ ମନୋନିତ ହୋଇ ସଂସଦ ଭବନରେ ନିଜର ପରାକାଷ୍ଠା ଦେଖାଇ ସମଗ୍ର ଦେଶରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ତାଙ୍କର ଏଭଳି ଦକ୍ଷତାକୁ ସମ୍ମାନ ଜଣାଇ ଆଜି ଜାନୁଆରୀ ୩ ତାରିଖ ମଙ୍ଗଳବାର ଦିନ ଏକଲ ଅଭିଯାନ ବାରିପଦା ଅଞ୍ଚଳ, ଉଦଳା କେନ୍ଦ୍ର ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ଅଭିଯାନର ଅଞ୍ଚଳ ସଭାପତି ଗୋପିନାଥ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସମ୍ବାଗ ସମ୍ବାଦ ପ୍ରମୁଖ ଚୌଧୁରୀ ମହାନ୍ତ, ଉପସଭାପତି ମନୋରଂଜନ ମଲ୍ଲିକ, ସଂପାଦକ ସୁବ୍ରତ କୁମାର ମହାନ୍ତି, କାର୍ଯ୍ୟାଳୟ ପ୍ରଭାରୀ ନମିତା ରାଉତ, ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ରାମଚନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ରହି କିଶନ କୁମାରଙ୍କର ସୁଗୁଣ କିର୍ତ୍ତନ କରିବା ସହ ଈଶ୍ୱରଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ବର୍ଦ୍ଧନା ସ୍ୱରୂପ ତାଙ୍କୁ ଏକ ଅଖଣ୍ଡ ଭାରତର ମାନଚିତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଶେଷରେ କିଶନ କୁମାର ସଂସଦ ଭବନରେ ତାଙ୍କର ଅନୁଭବ କେମିତି ଥିଲା ବ୍ୟକ୍ତ କରିଥିଲେ । ଏହାପରେ ସେ ନିଜର ଜନ୍ମ ମାଟି ଉଦଳାରେ ପ୍ରଥମେ ଏକଲ ଅଭିଯାନ ସମ୍ବର୍ଦ୍ଧନା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ ।

ଲଙ୍ଗଳେଶ୍ୱର ବିକାଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର,୦୪/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ବିକାଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସୁବଲ ଚନ୍ଦ୍ର ଦାସ, ରବିରଞ୍ଜନ ତ୍ରିପାଠୀଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ବୈଠକରେ ଓଡ଼ିଶାର ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମେଡ଼ିକାଲ କଲେଜ ର ପୂର୍ବତନ ପ୍ରଫେସର ଡା. ମୃତ୍ୟୁଞ୍ଜୟ ପଣ୍ଡା, ସମ୍ବାଦ ଆମ ଓଡ଼ିଶା ର ରାଜ୍ୟ ସଂଯୋଜକ ତଥା ଲଙ୍ଗଳେଶ୍ୱର ସତସଙ୍ଗ ବିହାର ର ସମ୍ପାଦକ ସଞ୍ଜୟ କୁମାର ପାତ୍ର, ଜାମସୁଳି ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ଶଙ୍କର ଜେନା, ପ୍ରାକ୍ତନ ଶିକ୍ଷକ ପୁରୁଷୋତ୍ତମ ସାହୁ, ଯୋଗଦେଇ ବିକାଶ ମହୋତ୍ସବ ର ବ୍ୟାପକ ଆୟୋଜନ ବାବଦରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଣବ କୁମାର ଜେନା, ଚିତ୍ତରଞ୍ଜନ ଜେନା, ପ୍ରମୋଦ କୁମାର ପଟ୍ଟାୟତ, ଆଇନଜୀବୀ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ ରଞ୍ଜନ କୁମାର ବେହେରା, ଇଞ୍ଜିନିୟର ବିଜୟ କୁମାର ସେଠୀ, ଯୁବନେତା ଖଗେନ୍ଦ୍ର ନାୟକ, ରାମକୃଷ୍ଣ ପ୍ରଧାନ, ସେକ ମୁକ୍ତିଆର ଉଦ୍ଦିନ, ସୁଶାନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ବାର